୬ ▸ ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ଦୌଡ଼ରେ ଓଡ଼ିଶାର ଅମିତ ରୋହିଦାସ, ସୁନେଲିତା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୪୪ ● ୧୧ ମାର୍ଚ୍ଚ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-44 ● 11th March 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ବାଚସ୍ପତିଙ୍କ ମାଇକ୍ ଭାଙ୍ଗିଲେ, କାଗଜ ଫିଙ୍ଗିଲେ

## ବିରୋଧୀଙ୍କ ନାରାବାଜି ହଟ୍ଟଗୋଳ ଯୋଗୁ ବିଧାନସଭାରେ ଅଚଳାବସ୍ଥା

**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ବିଧାନସଭାରେ ଦିବଂଗତ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପାଦନ ହେବା ପରେ ବିରୋଧୀ ଦଳର ତୁମୁଳ ହଟ୍ଟଗୋଳ ଓ ନାରାବାଜି ଯୋଗୁ ଗୃହ ଅଶାନ୍ତ ହୋଇ ପଡ଼ିଥିଲା। ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଗୃହର ମଝିକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ପୋଷ୍ଟର ପ୍ରଦର୍ଶନ ସହ ଉଚ୍ଚସ୍ୱରରେ ନାରାବାଜି ଚଳାଇବାରୁ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା। ବାଚସ୍ପତିଙ୍କ ନିବେଦନ ସତ୍ତ୍ୱେ ବିରୋଧୀଙ୍କ ହଟ୍ଟଗୋଳ ଓ ନାରାବାଜି ଅବ୍ୟାହତ ରହିବାରୁ ବାଧ ହୋଇ ବାଚସ୍ପତି ଗୃହକୁ ୩ ଥରରେ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ



ମୁଲତବୀ ଘୋଷଣା କରିଥିଲେ। ଏହା ଫଳରେ ପ୍ରଥମାର୍ଦ୍ଧ ବୈଠକରେ କେବଳ ଶୋକ ପ୍ରସ୍ତାବ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟକ୍ରମ ହୋଇପାରି ନଥିଲା। ଏପରିକି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ ଗୃହରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିରୋଧୀ ଦଳର ବିଧାୟକମାନେ ଗୃହ ମଧ୍ୟରେ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ପ୍ରଥମାର୍ଦ୍ଧ ଭଳି ବିକ୍ଷୋଭ ପ୍ରଦର୍ଶନ ଏବଂ ଉଚ୍ଚ ସ୍ୱରରେ ନାରବାଜି ଅବ୍ୟାହତ ରଖିଥିଲେ। ଏହି ସମୟରେ କଂଗ୍ରେସ ବିଧାୟକମାନେ ପ୍ରଶ୍ନପତ୍ର, ପୋଷ୍ଟର ବାଚସ୍ପତିଙ୍କ ଆସନ ଆଡକୁ ଫିଙ୍ଗି ପ୍ରତିବାଦ ଜଣାଇଥିଲେ। ଏପରିକି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରେ ଚଢିବାକୁ ଉଦ୍ୟମ କରିବା ସହ ତାଙ୍କ ମାଇକ୍ ଭାଙ୍ଗି ଦେଇଥିଲେ। ଉଚ୍ଚସ୍ୱରରେ ହୋ-ହଲ୍ଲା ନାରାବାଜି ଚଳାଇ ସେମାନେ ଶେଷରେ କକ୍ଷ ତ୍ୟାଗ କରିଥିଲେ।

ପ୍ରଥମାର୍ଦ୍ଧ ବୈଠକରେ ବାଚସ୍ପତି ଶ୍ରୀମତୀ ପାଢୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହଟ୍ଟଗୋଳ ମଧ୍ୟରେ ଚଳାଇବାକୁ ଚେଷ୍ଟା କରିଥିଲେ। ତେବେ ବିଜେଡ଼ି ବିଧାୟକମାନେ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଏକାଠି ହୋଇ ଓଡ଼ିଶାକୁ ଭାଗ ଭାଗ କରିବା ଚଳିବ ନାହିଁ, ବିଭାଜନକାରୀ ଶକ୍ତି ସାବଧାନ ହୁଅ ଲେଖା ଥିବା ପୋଷ୍ଟର ହାତରେ ଧରି ପ୍ରଦର୍ଶନ କରିବା ସହ ଉଚ୍ଚସ୍ୱରରେ ଓଡ଼ିଆ ଅସ୍ମିତା ଗଲା କୁଆଡେ ଆଦି ସରକାରୀ ବିରୋଧୀ ନାରାବାଜି କରିଥିଲେ। ଅନ୍ୟ ପକ୍ଷରେ କଂଗ୍ରେସ ବିଧାୟକମାନେ *(ପୃଷ୍ଠା ୭ରେ)*

## ଲୋକସଭାରେ ଅତିରିକ୍ତ ୫୧,୪୬୨ କୋଟି ଟଙ୍କାର ଖର୍ଚ୍ଚ ଦାବି ଆଗତ କଲେ ଅର୍ଥମନ୍ତ୍ରୀ

**ନୂଆଦିଲ୍ଲୀ, ୧୦।୩**

ଚଳିତ ଆର୍ଥିକ ବର୍ଷରେ ଅତିରିକ୍ତ ୫୧ ହଜାର ୪୬୨ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସରକାର ସୋମବାର ସଂସଦର ଅନୁମୋଦନ ଲୋଡ଼ିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସୋମବାର ଲୋକସଭାରେ ଅନୁଦାନ ଦାବିର ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ସରକାର ଚାହୁଁଥିବା ମୋଟ ଅତିରିକ୍ତ ଖର୍ଚ୍ଚ ୬ ଲକ୍ଷ ୭୮ ହଜାର ୫୦୮ କୋଟି ଟଙ୍କାରୁ ଅଧିକ ହୋଇଥିବା ବେଳେ ସେଥିରୁ ୬ ଲକ୍ଷ ୨୭ ହଜାର ୪୪ କୋଟି ଟଙ୍କା ସଞ୍ଚୟ ଓ ରସିଦ ସହ ମେଳ ଖାଇବା ଆବଶ୍ୟକ।

ଅତିରିକ୍ତ ବ୍ୟୟ ମଧ୍ୟରେ ସାର ସବସିଡି ବାବଦରେ ୧୨ ହଜାର କୋଟି ଟଙ୍କା ଏବଂ ୟୁନିଫାଏଡ ପେନସନ ଯୋଜନା ସମେତ ସରକାରୀ କର୍ମଚାରୀଙ୍କ ପେନସନ ବାବଦରେ ୧୩ ହଜାର ୪୪୯ କୋଟି ଟଙ୍କା ରହିଛି। ମୋଟ ଖର୍ଚ୍ଚ ମଧ୍ୟରେ ୮ ହଜାର ୪୭୬ କୋଟି



ଟଙ୍କାର ପ୍ରତିରକ୍ଷା ପେନସନ ଏବଂ ଦୂରସଂଚାର ବିଭାଗ ପାଇଁ ୫ ହଜାର ୩୨୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସମ୍ବଳ ବ୍ୟବଧାନକୁ ପୂରଣ କରିବା ପାଇଁ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ କେନ୍ଦ୍ରୀୟ ସହାୟତା ଅଧୀନରେ ଅତିରିକ୍ତ ଖର୍ଚ୍ଚ ପୂରଣ କରିବା ପାଇଁ ଜମ୍ମୁ-କଶ୍ମୀର ପାଇଁ ୩ ୭୨୨ କୋଟିରୁ ଅଧିକ ଟଙ୍କା ମଗାଯାଇଛି। ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଅତିରିକ୍ତ ବ୍ୟୟ ବରାଦ ପାଇଁ ଏକ ହଜାର କୋଟି ଟଙ୍କା ମଗାଯାଇଛି।

### ସେନା ଅଧିକାରୀ-ବାନ୍ଧବୀଙ୍କୁ ଅସଦାଚରଣ ମାମଲା: ଓଡ଼ିଶା ସରକାରଙ୍କୁ ତଦନ୍ତ ରିପୋର୍ଟ ଦେଲେ ନ୍ୟାୟିକ କମିଶନ





**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

ସେନା ଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କ ଉପରେ ପୋଲିସର ଅତ୍ୟାଚାରର ତଦନ୍ତ ପାଇଁ ଗଠିତ ନ୍ୟାୟମୂର୍ତ୍ତି ଚିତ୍ତ ରଞ୍ଜନ ଦାସ କମିଶନ ସୋମବାର ଗୃହ ବିଭାଗ ସଚିବଙ୍କୁ ୨୮୨ ପୃଷ୍ଠାର ରିପୋର୍ଟ ପ୍ରଦାନ କରିଛନ୍ତି। ଗତବର୍ଷ ଅକ୍ଟୋବର ୧ ତାରିଖରୁ ଆରମ୍ଭ ହୋଇଥିବା ତଦନ୍ତ ସମୟରେ କମିଶନ ୫୨୫ଟି ସତ୍ୟପାଠ ଯାଞ୍ଚ କରିଛନ୍ତି ଏବଂ ଅତି କମରେ ପାଞ୍ଚ ଜଣଙ୍କୁ ପଚରାଉଚରା କରିଛନ୍ତି।

ଅଭିଯୋଗ ଅନୁଯାୟୀ, ୨୦୨୪ ସେପ୍ଟେମ୍ବର ୧୫ ତାରିଖ ବିଳମ୍ବିତ ରାତି ସମୟରେ ସେନା ଅଧିକାରୀ ଏବଂ ତାଙ୍କ ବାନ୍ଧବୀଙ୍କ ରେଷ୍ଟୁରାଣ୍ଟ ବନ୍ଦ କରି ଘରକୁ ଫେରିବା ବେଳେ ତିନୋଟି କାରରେ ଯାତ୍ରା କରୁଥିବା ପ୍ରାୟ ୧୨ ଜଣ ଯୁବକ ପଥରଗାଡ଼ିଆ ନିକଟରେ ଭାରତୀୟ ସେନା ଅଧିକାରୀଙ୍କ ଗାଡ଼ିକୁ ଅଟକାଇଥିଲେ।

ସେହି ଯୁବକମାନେ ସେନା ଅଧିକାରୀଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ ଏବଂ ତାଙ୍କ ବାନ୍ଧବୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେ ପ୍ରତିରୋଧ କରିବାକୁ ଚେଷ୍ଟା କରିବା ସମୟରେ ସେମାନେ ସେନା ଅଧିକାରୀଙ୍କୁ ଟାଣି ଆଣି ମାଡ଼ ମାରିଥିଲେ। *(ପୃଷ୍ଠା ୭ରେ)*

## ୫ ମାସ ହେଲାଣି ଧରାଶାୟୀ ପୁଞ୍ଜି ବଜାର : ନିବେଶକ ହରାଇଲେଣି ୯୦ ଲକ୍ଷ କୋଟି

**ମୁମ୍ବାଇ, ୧୦।୩**

ଦେବାଳିଆ ସ୍ଥିତିକୁ ଯାଉଛି ଭାରତ। ଏପରି ଆଶଙ୍କା କଲେଣି ଅର୍ଥନୀତି ବିଶେଷଜ୍ଞ। ପ୍ରଚାରରେ ବ୍ୟସ୍ତ କେନ୍ଦ୍ର ସରକାର। ଚଳିତ ଆର୍ଥିକ ବର୍ଷର ଶେଷ କ୍ୱାର୍ଟରରେ ବି ଅଭିବୃଦ୍ଧି ନିରାଶଜନକ। ପୁଣି ଥରେ ଭାରତୀୟ ବଜାରରେ ଦେଖିବାକୁ ମିଳିଛି ୧୯୯୬ ସମୟର ସ୍ଥିତି। ଲଗାତାର ୫ ମାସ ହେଲାଣି ମାଟି କାମୁଡି ଚାଲିଛି ପୁଞ୍ଜି ବଜାର। ୯୦ ଲକ୍ଷ କୋଟି ଟଙ୍କା ହରାଇଲେଣି ପୁଞ୍ଜି ନିବେଶକାରୀ। ସେପଟେ କୋଭିଡ ପରେ କେନ୍ଦ୍ର ସରକାର ବିଦେଶୀ ପୁଞ୍ଜିକୁ ଆକୃଷ୍ଟ କରିବା ପାଇଁ ଯେପରି ଘୋଷଣା କରିଥିଲେ ସେଥିରେ ବାସ୍ତବତା ନଥିବା ଅନୁଭବ କଲେଣି। ବିଦେଶୀ ସଂସ୍ଥାଗତ ପୁଞ୍ଜି ନିବେଶକାରୀ ଯେଉଁଥି ପାଇଁ ଏବେ ସବୁଦିନ



ଭାରତୀୟ ଷ୍ଟକ ବଜାରରେ ସେମାନେ ତାଙ୍କ ଅଂଶଧନ ବିକ୍ରି କରି ବାହାରି ଯାଉଛନ୍ତି। ସ୍ଥିତି ଏମିତି ହେଲାଣି ଯେ, ବାରମ୍ବାର ବଜାର କ୍ରାସ କରିବାରୁ ପ୍ରଚୁର କ୍ଷତି ସହିଲେଣି ଘରୋଇ ଖୁଚୁରା ନିବେଶକାରୀ। ଏପରିକି ଋଣ କରି ଆଉ ନିବେଶ କରିବାକୁ ସାହାସ ଜୁଟେଇ ପାରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଆକ୍ରମଣ ସତ୍ତ୍ୱେ□ ବିଶ୍ୱର ଅନ୍ୟ ଷ୍ଟକ ମାର୍କେଟର ନିବେଶକାରୀ ଲାଭବାନ ହେଉଛନ୍ତି। ଯେପରିକି, ସଂଘାଇ, ହଂକଂ, ୟୁରୋପ ମାର୍କେଟ୍, କୋରିଆର କୋସ୍ପି, ଆମେରିକା ଷ୍ଟକ ମାର୍କେଟ ଡାଓ ଜୋନ୍ସ, ନାସଡାକ୍, ଏସ୍.ଆଣ୍ଡ.ପି ଆଦି ମାର୍କେଟ ବୁମ୍‌ରେ ଚାଲିଛି। କିନ୍ତୁ କାହିଁକି କ୍ଷତିରେ ଭାରତୀୟ ଷ୍ଟକ ମାର୍କେଟ ? ବିଶେଷଜ୍ଞଙ୍କ ଅଭିଯୋଗ, ଏବେର କେନ୍ଦ୍ର ସରକାରଙ୍କ ନୀତିକୁ ଭରସା କରିପାରୁନାହାନ୍ତି ବିଦେଶୀ ପୁଞ୍ଜି ନିବେଶକାରୀ। କିଛି ମୁଷ୍ଟିମେୟ ପୁଞ୍ଜିପତିଙ୍କ ଫାଇଦା ପାଇଁ କେନ୍ଦ୍ର *(ପୃଷ୍ଠା ୭ରେ)*

## ରାଜ୍ୟସଭାରେ ଆଗତ ହେଲା ରେଳ ସଂଶୋଧନ ବିଲ୍ ୨୦୨୪

**ନୂଆଦିଲ୍ଲୀ, ୧୦।୩**

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୋମବାର ରାଜ୍ୟସଭାରେ ରେଳ (ସଂଶୋଧନ) ବିଲ ୨୦୨୪କୁ ଆଲୋଚନା ଓ ମଞ୍ଜୁରୀ ପାଇଁ ଆଗତ କରିଛନ୍ତି। ଏହି ବିଲରେ ରେଳ ବାଇ ଆକ୍ଟ ୧୯୮୯ରେ ସଂଶୋଧନ କରାଯାଇଛି। ଏହାର ଉଦ୍ଦେଶ୍ୟ ହେଉଛି ରେଳବାଇ ବୋର୍ଡର କ୍ଷମତା ବୃଦ୍ଧି କରିବା ଏବଂ ସଂସ୍ଥାର କାର୍ଯ୍ୟକାରିତା ଓ ସ୍ୱାଧୀନତାରେ ଉନ୍ନତି ଆଣିବା। ବିଲ ଆଗତ କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଏହି ବିଲ ମାଧ୍ୟମରେ ଭାରତୀୟ ରେଳ ବୋର୍ଡ ଅଧିନିୟମ, ୧୯୦୫ର ସମସ୍ତ ବ୍ୟବସ୍ଥାକୁ ରେଳବାଇ ଆଇନ, ୧୯୮୯ରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ରହିଛି। ଲୋକସଭା ଏହି ରେଳବାଇ (ସଂଶୋଧନ) ବିଲ ୨୦୨୪କୁ ଅନୁମୋଦନ ଦେଇସାରିଛି।




ଆଲୋଚନା ଆରମ୍ଭ କରି କଂଗ୍ରେସର ବିବେକ କେ ତନଖା କହିଥିଲେ ଯେ ଭାରତୀୟ ରେଳବାଇ କେବଳ ଯାତ୍ରୀ ନୁହଁନ୍ତି ବରଂ କୋଟି କୋଟି ଲୋକଙ୍କ ଆଶା, ସ୍ୱପ୍ନ ଏବଂ ସଂଘର୍ଷ ବହନ କରିଥାଏ। ସେ କହିଛନ୍ତି ରେଳବାଇର ବିକାଶ ପାଇଁ ରେଳବାଇ ବୋର୍ଡକୁ ପୂର୍ଣ୍ଣ ସ୍ୱାୟତ୍ତତା ଦେବା ଜରୁରୀ ଏବଂ ରେଳବାଇ ଏକ ସ୍ୱଚ୍ଛ ସଂସ୍ଥା ହେବା ଦରକାର। ବରିଷ୍ଠ ନାଗରିକ ଓ ସାମ୍ବାଦିକଙ୍କ ପାଇଁ ରେଳବାଇରେ ଥିବା ସବସିଡି ଫେରାଇ ଆଣିବାକୁ ଶ୍ରୀ ତନ୍ଖା ଦାବି କରିଛନ୍ତି। ବିଲକୁ ସମର୍ଥନ କରି ବିଜେପି ସାଂସଦ ସୁଭାଷ ବରାଲା କହିଛନ୍ତି, ରେଳବାଇର ପ୍ରଶାସନିକ କାର୍ଯ୍ୟକୁ ଅଧିକ ସୁରୁଖୁରୁରେ, ସ୍ୱଚ୍ଛ ଓ ଉତ୍ତରଦାୟୀ କରିବା ଏହି ବିଲର ଉଦ୍ଦେଶ୍ୟ। ସେ କହିଛନ୍ତି ଯେ ଏହି ବିଲରେ ରେଳବୋର୍ଡକୁ ଆଇନଗତ ସମର୍ଥନ ପ୍ରଦାନ କରିବାକୁ ଲକ୍ଷ୍ୟ *(ପୃଷ୍ଠା ୭ରେ)*

## ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାର ସୁଙ୍କିରେ ୧୦୦୦ ମେଗାୱାଟ କ୍ଷମତା ବିଶିଷ୍ଟ ପମ୍ପଡ ଷ୍ଟୋରେଜ ପ୍ରକଳ୍ପ (ପିଏସପି) ବିକାଶ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଅନୁଷ୍ଠିତ ହେବା ସହିତ ନବୀକରଣୀୟ ଶକ୍ତି ପଦକ୍ଷେପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ତେଲେଙ୍ଗାନାର ସଙ୍ଗମମ ପାୱାର ପ୍ରୋଜେକ୍ଟ କମ୍ପାନୀ ସହିତ ମିଳିତ ଭାବରେ ଏହି ପ୍ରକଳ୍ପ, ରିଭର୍ସ ଟର୍ବାଇନ ବ୍ୟବହାର କରି ପିକ ଆୱାରରେ ବିଦ୍ୟୁତ ଉତ୍ପାଦନ କରିବାକୁ ପ୍ରସ୍ତୁତ।

ଏହି ଭିତ୍ତିପ୍ରସ୍ତର ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସମ୍ପ୍ରତି ଅନୁଷ୍ଠିତ ଉତ୍କର୍ଷ ଓଡ଼ିଶା କନକ୍ଲେଭ ୨୦୨୫ରେ ସ୍ୱାକ୍ଷରିତ ହୋଇଥିଲା, ଯାହା ସବୁଜ *(ପୃଷ୍ଠା ୭ରେ)*

## ବିପଦରେ ରୋଗୀଙ୍କ ଜୀବନ: ୪ କମ୍ପାନୀକୁ କଳା ତାଲିକାଭୁକ୍ତ କଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ନିମ୍ନମାନର ଔଷଧ କାରବାର ଚାଲିଥିବା ଜଣାପଡିଛି। ସୋମବାର ବିଧାନସଭାରେ ଓଡ଼ିଶାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ଉତ୍ତରରୁ ଏଭଳି ସୂଚନା ମିଳିଛି।

ସୂଚନା ଅନୁସାରେ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, କୋଲକାତା ଏବଂ ହାଇଦ୍ରାବାଦ ଭଳି ଅନ୍ୟ ସ୍ଥାନରୁ ନିମ୍ନମାନର ଔଷଧ ଯୋଗାଣ କରାଯାଉଥିବା ଜଣାପଡିଛି।

ବିଜେପି ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେସନ ଦ୍ୱାରା କିଣାଯାଇଥିବା ୧୦୩ଟି ଔଷଧ ନିମ୍ନମାନର ବୋଲି ଜଣାପଡିଛି ଏବଂ ଗତ ୩ ବର୍ଷ ମଧ୍ୟରେ ୪ ଯୋଗାଣକାରୀଙ୍କୁ କଳା





ତାଲିକାଭୁକ୍ତ କରାଯାଇଛି।

୨୦୨୨-୨୩ ଆର୍ଥିକ ବର୍ଷରେ ଜିଙ୍କ ସଲଫେଟ୍, ସୋଡିୟମ ଲାକ୍ଟେଟ ସମେତ ମୋଟ ୪୫ଟି ଟାବଲେଟ ଏବଂ ରିଙ୍ଗର୍ସ ଲାକ୍ଟେଟ ନିମ୍ନମାନର ଘୋଷଣା କରାଯାଇଥିଲା, ୨୦୨୩-୨୪ ଆର୍ଥିକ ବର୍ଷରେ ୩୨ଟି ଔଷଧ ନିମ୍ନମାନର ହୋଇଥିବା ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ୨୬ଟି ନିମ୍ନମନାର ଔଷଧ ସମ୍ପର୍କରେ ସୂଚନା ମିଳିଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ।

ରାଜ୍ୟରେ ନିମ୍ନମାନର ଔଷଧ ଯୋଗାଣ ରୋକିବା ପାଇଁ ପଦକ୍ଷେପ ସ୍ୱରୂପ, ସରକାର ଏପର୍ଯ୍ୟନ୍ତ ଚାରିଟି ଯୋଗାଣକାରୀ ସଂସ୍ଥାକୁ କଳାତାଲିକାଭୁକ୍ତ କରିଛନ୍ତି। କଳାତାଲିକାଭୁକ୍ତ ଔଷଧ ସଂସ୍ଥାଗୁଡ଼ିକ ହେଲେ ଲା କେମିକୋ ପ୍ରାଇଭେଟ ଲିମିଟେଡ କୋଲକାତା, ସ୍ୱରୂପ ଫାର୍ମାସ୍ୟୁଟିକାଲ ପ୍ରାଇଭେଟ ଲିମିଟେଡ୍, ଉତ୍ତର ପ୍ରଦେଶ, ଇଭେଶ ଡ୍ରଗ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟପ୍ରଦେଶ ଏବଂ ଆଲାଏନ୍ସ ବାୟୋଟେକ୍, ହାଇଦ୍ରାବାଦ, ବୋଲି ସେ କହିଛନ୍ତି।

### ୧୩ ଓ ୧୪ ତାରିଖରେ ଗ୍ରୀଷ୍ମ ପ୍ରବାହ : ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି

**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଡହ ଡହ ଖରା ସହ ତାତି କଲବଲ କରୁଛି। ଗତ ୩ ରୁ ୪ ଦିନ ହେବ ତାତି ସାମାନ୍ୟ କମ ଥିବା ବେଳେ ସୋମବାରଠାରୁ ପୁଣି ତାତି ବଢ଼ିଛି। ତାତି ବଢୁଥିବା ବେଳେ ହିଟୱେଭ ବା ଗ୍ରୀଷ୍ମ ପ୍ରବାହ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

ମାର୍ଚ୍ଚ ୧୩ ଓ ୧୪ ତାରିଖ ଦୁଇଦିନ ପାଇଁ ହିଟୱେଭ ନେଇ ସତର୍କ ସୂଚନା ଜାରି କରାଯାଇଛି। ଏହା ସହିତ ପଶ୍ଚିମ ଓଡ଼ିଶା ତାତିର ତାଉରେ ଜଳିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନମାନ କରାଯାଇଛି।

ଏହା ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ଅସମ୍ଭାଳ ତାତି ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିବାର ସମ୍ଭାବନା *(ପୃଷ୍ଠା ୭ରେ)*

### ଇ-ଶ୍ରମ ପୋର୍ଟାଲରେ ୩୦ କୋଟିରୁ ଅଧିକ ଅଣସଂଗଠିତ ଶ୍ରମିକ ପଞ୍ଜିକୃତ

**ନୂଆଦିଲ୍ଲୀ, ୧୦।୩**

ସରକାର କହିଛନ୍ତି ଯେ ୩୦ କୋଟି ୭୦ ଲକ୍ଷ ୩୮ ହଜାର ୭୫୧ରୁ ଅଧିକ ଅଣସଂଗଠିତ ଶ୍ରମିକ ଇ-ଶ୍ରମ ପୋର୍ଟାଲରେ ପଞ୍ଜୀକୃତ ହୋଇଛନ୍ତି। ଅଣସଂଗଠିତ ଶ୍ରମିକମାନଙ୍କର ଏକ ବ୍ୟାପକ ଜାତୀୟ ଡାଟାବେସ ପ୍ରସ୍ତୁତ କରିବା ପାଇଁ ୨୦୨୧ରେ ଏହି ପୋର୍ଟାଲ ଆରମ୍ଭ କରାଯାଇଥିଲା। ସୋମବାର ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କରନ୍ଦଲାଜେ କହିଛନ୍ତି ଯେ ମୋଟ ପଞ୍ଜିକୃତ ଶ୍ରମିକଙ୍କ ମଧ୍ୟରୁ ୫୩ ପ୍ରତିଶତରୁ ଅଧିକ ହେଉଛନ୍ତି ମହିଳା। ବର୍ତ୍ତମାନ ସୁଦ୍ଧା ବିଭିନ୍ନ କେନ୍ଦ୍ର ମନ୍ତ୍ରଣାଳୟ ଓ ବିଭାଗର ୧୩ଟି ଯୋଜନାକୁ ଇ-ଶ୍ରମ ସହ ଯୋଡ଼ାଯାଇଛି। ଏଥିରେ ପିଏମ-ସ୍ୱନିଧି, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଏବଂ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ରହିଛି।

## ବଳାତ୍କାରର ପ୍ରମାଣ ପାଇଁ ପ୍ରାଇଭେଟ ପାର୍ଟରେ କ୍ଷତ ହେବା ଜରୁରୀ ନୁହେଁ



**ନୂଆଦିଲ୍ଲୀ, ୧୦।୩**

୪୦ ବର୍ଷ ପୁରୁଣା ବଳାତ୍କାର ମାମଲାର ରାୟ ଦେବା ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ବଳାତ୍କାର ପ୍ରମାଣ କରିବା ପାଇଁ ଗୁପ୍ତାଙ୍ଗ ବା ପ୍ରାଇଭେଟ ପାର୍ଟରେ ଆଘାତ ଚିହ୍ନ ରହିବା ଜରୁରୀ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାର ଆଧାର ଭାବରେ ଅନ୍ୟାନ୍ୟ ପ୍ରମାଣ ମଧ୍ୟ ବ୍ୟବହାର କରାଯାଇପାରିବ। ସୁପ୍ରିମକୋର୍ଟ ଜଣେ ଟ୍ୟୁସନ ଶିକ୍ଷକଙ୍କୁ ତାଙ୍କ ଛାତ୍ରୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ଟ୍ରାଏଲ କୋର୍ଟର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି।

ଶିକ୍ଷକ କହିଛନ୍ତି ଯେ ପୀଡିତାଙ୍କ ଗୁପ୍ତାଙ୍ଗରେ କୌଣସି ଆଘାତ ଚିହ୍ନ ନାହିଁ। ତେଣୁ ବଳାତ୍କାର ପ୍ରମାଣିତ ହୋଇପାରିବ ନାହିଁ। ସେ କହିଛନ୍ତି ଯେ ପୀଡିତାଙ୍କ ମାଆ ତାଙ୍କ ଉପରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ମାମଲାର ଶୁଣାଣି କରି ବିଚାରପତି ସନ୍ଦୀପ ମେହେଟ୍ଟା, ବିଚାରପତି ଭାରାଲେ ଏବଂ ବିଚାରପତି ପ୍ରସନ୍ନ ବିଙ୍କ ଖଣ୍ଡପୀଠ କହିଛନ୍ତି ଯେ ଡାକ୍ତରୀ ରିପୋର୍ଟରେ କୌଣସି ଆଘାତ ଚିହ୍ନ ମିଳିନାହିଁ, କିନ୍ତୁ ଅନ୍ୟାନ୍ୟ ପ୍ରମାଣକୁ ଖାରଜ କରାଯାଇପାରିବ ନାହିଁ। ଜଷ୍ଟିସ ଭାରାଲେ କହିଛନ୍ତି ଯେ ପ୍ରତ୍ୟେକ ବଳାତ୍କାର ମାମଲାରେ ପୀଡିତାଙ୍କ ଶରୀରରେ ଆଘାତ ଚିହ୍ନ ମିଳିବା ଆବଶ୍ୟକ ନୁହେଁ। ଯେକୌଣସି ମାମଲା ପରିସ୍ଥିତି ଉପରେ ନିର୍ଭର କରେ। ତେଣୁ ବଳାତ୍କାର ଅଭିଯୋଗ ପ୍ରମାଣ କରିବା ପାଇଁ ପୀଡିତାଙ୍କ ଶରୀରରେ ଆଘାତ ଚିହ୍ନ ଆବଶ୍ୟକ ବୋଲି ବିବେଚନା କରାଯାଇପାରିବ ନାହିଁ।

ପୀଡିତାଙ୍କ ମାଆଙ୍କ ବିରୋଧରେ ଶିକ୍ଷକଙ୍କ ଅଭିଯୋଗ ସମ୍ପର୍କରେ ଖଣ୍ଡପୀଠ କହିଛନ୍ତି ଯେ ଏହି ମାମଲାରେ ଏପରି କଥାରେ ଯିବାର *(ପୃଷ୍ଠା ୭ରେ)*

## ହଟ୍ଟଗୋଳ ମଧ୍ୟରେ ଅନୁସୂଚିତ ଜନଜାତି ଜାତି କଲ୍ୟାଣ ବିଭାଗ ଖର୍ଚ୍ଚ ଦାବି ଗୃହୀତ

**ଭୁବନେଶ୍ୱର, ୧୦।୩**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ବିଧାନସଭାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୬୪୩୬ କୋଟି ୪ଲକ୍ଷ ୯୨ ହଜାର ଟଙ୍କାର ଖର୍ଚ୍ଚ ଦାବି ବିରୋଧୀ ଦଳର ହଟ୍ଟଗୋଳ ମଧ୍ୟରେ ଆଲୋଚନା ସହ ମନ୍ତ୍ରୀଙ୍କ ଉତ୍ତର ପରେ ଗୃହୀତ ହୋଇଛି। ହଟ୍ଟଗୋଳ ଯୋଗୁ ବିରୋଧୀ ଦଳର କୌଣସି ବିଧାୟକ ଏହି ଖର୍ଚ୍ଚ ଦାବି ଆଲୋଚନାରେ ଭାଗ ନେଇନଥିବା ବେଳେ କେବଳ ଶାସକ ଦଳରୁ ମାତ୍ର ୩ଜଣ ବିଧାୟକ ଆଲୋଚନାରେ ଭାଗ ନେଇଥିଲେ। ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଖର୍ଚ୍ଚ ଦାବି ଆଲୋଚନାର ଉତ୍ତର ଦେଇଥିଲେ।

ସେ କହିଥିଲେ ଯେ, ଅନୁସୂଚିତ ଜାତି ଜନଜାତି, ପଛୁଆ ବର୍ଗ ସଂଖ୍ୟାଲଘୁ ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ସରକାର ବଜେଟ୍‌ରେ ୧୪୨୬.୨୬ କୋଟି ଟଙ୍କାର ବ୍ୟୟବରାଦ ରଖିଥିବା ବେଳେ ସହିଦ୍ ମାଧୋସିଂ ହାତଖର୍ଚ୍ଚ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ୧୫୪ କୋଟି, ଇଂରାଜୀ ଭାଷା ମାଧ୍ୟମରେ ଶିକ୍ଷା ଦେବାର ବ୍ୟବସ୍ଥା ପାଇଁ ଅନ୍ୱେଷା ଯୋଜନାରେ ୧୫୮.୦୮ କୋଟି, ଭୁବନେଶ୍ୱର ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ଠାରେ ୮ଟି ଛାତ୍ରଛାତ୍ରୀ ନିବାସ ସ୍ଥାପନ ସହ ଆକାଂକ୍ଷା *(ପୃଷ୍ଠା ୭ରେ)*

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୭ ପ୍ରତିଶତ ରହିବ ଜିଡିପି

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ସୁଧ ହାର କିମ୍ବା ମାସିକ କିସ୍ତି (ଇଏମଆଇ) ପରିଶୋଧ ରାଶି ବୃଦ୍ଧି ଯୋଜନା ନାହିଁ। ଆରମ୍ଭ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି କମିଟି ବୈଠକର ନିଷ୍ପତ୍ତି ସଂପର୍କରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି। ଶକ୍ତିକାନ୍ତ କହିଛନ୍ତି ଦେଶରେ ମୁଦ୍ରାସ୍ଫୀତିରେ ଦେଖାଦେଇ ଆସୁଥିବା ବୃଦ୍ଧି ଧାରା ଏବେ ବନ୍ଦ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ଏବଂ ବାସ୍ତବ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରେପୋ ହାର ହେଉଛି ସେହି ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିଥାଏ। ଏହା ବଢ଼ିଲେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କଠାରୁ ଋଣ ଉପରେ ଅଧିକ ସୁଧ ହାର ଆଦାୟ କରିଥାନ୍ତି ଏବଂ କମିଲେ ସୁଧ ହାର କମାଇଥାନ୍ତି। ମୁଦ୍ରାନୀତି କମିଟିର ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଏହାକୁ ଅପରିବର୍ତ୍ତିତ ରଖିବାକୁ ମତ ଦେଇଥିବାବେଳେ ଜଣେ ପରିବର୍ତ୍ତନ ପାଇଁ କହିଥିଲେ। ମୁଦ୍ରାନୀତି ରିପୋର୍ଟ ଘୋଷଣା କରିବା ଅବସରରେ ଶକ୍ତିକାନ୍ତ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସର ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ, ଦ୍ୱିତୀୟ ତ୍ରୟମାସରେ ୬.୯ ପ୍ରତିଶତ ଏବଂ ତୃତୀୟ ଓ ଚତୁର୍ଥ ତ୍ରୟମାସରେ ୭ ପ୍ରତିଶତ ଲେଖାଏଁ ରହିବ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ ଉନ୍ମୋଚନ ସଂପର୍କରେ ଘୋଷଣା କରାଯାଇଛି। ଏହି ଆପ୍ ଜରିଆରେ ଖୁଚୁରା ନିବେଶକମାନେ ସରକାରୀ ବଣ୍ଡ୍ରେ ସହଜରେ ନିବେଶ ସୁବିଧା ପାଇବେ। ଖୁବ୍‌ଶୀଘ୍ର ଏହି ଆପ୍ ଉପଲବ୍ଧ ହେବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୬୪୫.୬ ବିଲିଅନ ଡଲାରରେ ପହଞ୍ଚିଥିବା ଶକ୍ତିକାନ୍ତ ଘୋଷଣା କରିଛନ୍ତି। ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସେସ ସେଣ୍ଟର (ଆଇଏଫଏସ୍ସି)ରେ ସଭରେନ୍ ଗ୍ରିନ ବଣ୍ଡ କାରବାରକୁ ଅନୁମତି ଦିଆଯିବ। ଏହା ବ୍ୟତୀତ, ଆଜି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ୱେବସାଇଟ୍ ଏବଂ ଏକ ମୋବାଇଲ ଆପ୍ ଆରମ୍ଭ କରାଯାଇଛି। ତେବେ ବର୍ତ୍ତମାନ କିଛିଦିନ ପାଇଁ ପୁରୁଣା ୱେବସାଇଟ୍ ଉପଲବ୍ଧ ହେବ। ଗୁଗୁଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ର ଆଇଓଏସରୁ ଏହାକୁ ଡାଉନଲୋଡ କରାଯାଇପାରିବ। ଶକ୍ତିକାନ୍ତ ଦାସ ଏବଂ ନୂଆ ୱେବସାଇଟ୍ ଏବଂ ଆପ୍ ଉନ୍ମୋଚନ କରିଛନ୍ତି। ବ୍ୟାଙ୍କ ଓ ଆର୍ଥିକ ସେବା କମ୍ପାନିଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ଚେତାବନୀ ଦେଇଛନ୍ତି। କାରବାର ସମୟରେ ନିୟମକୁ ଠିକ୍ ଭାବେ ପାଳନ କରିବାକୁ କହିଛନ୍ତି। ସେ ତାଙ୍କୁ ମନେ ପକାଇ ଦେଇଛନ୍ତି ଯେ ସବୁ କିଛି ହେଉଛି ଲୋକମାନଙ୍କ ଟଙ୍କା। ସେକଥା କେବେ ଭୁଲିବ ନାହିଁ। ତେଣୁ ସବୁ ନିୟମକୁ ପାଳନ କରି କର୍ପୋରେଟ ଗଭର୍ଣ୍ଣାନ୍ସକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ନିୟମ ପାଳନ କରିବାରେ ଅବହେଳା କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିଜର୍ଭ ବ୍ୟାଙ୍କ ପଛାଉନାହିଁ। ନିକଟରେ ଏହା ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଉପରେ କଠୋର କଟକଣା ଲଗାଇ ଏହାକୁ ଜମା ଓ ଅଗ୍ରିମ କାରବାର ବନ୍ଦ କରିବାକୁ କହିଥିଲା। ସେହିପରି ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିମିଟେଡକୁ ସୁନା ଋଣ କାରବାର ବନ୍ଦ କରିବା ଏବଂ ଜେଏମ୍ ଫାଇନାନ୍ସିଆଲ୍ ପ୍ରଡକ୍ଟସ୍ ଲିମିଟେଡକୁ ସେୟାର ବନ୍ଧକ ରଖି ଋଣ ଦେବାକୁ ମନା କରିଥିଲା। ୨୦୨୦ ଡିସେମ୍ବରରେ ଏଚଡିଏଫସି ବ୍ୟାଙ୍କକୁ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକ ଗ୍ରହଣ କରିବାକୁ ମନା କରାଯାଇଥିଲା। ରେଟିଂ ଏଜେନ୍ସି ଏସ୍‌ଆଣ୍ଡପି ମତରେ ନିୟମ ପାଳନରେ ଅବହେଳା ପ୍ରତି ରିଜର୍ଭ ବ୍ୟାଙ୍କ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବିଶେଷ କରି ନୋ ୟୋର କଷ୍ଟମର (କେୱାଇସି), ତଥ୍ୟ ସୁରକ୍ଷା, ମନି ଲଣ୍ଡରିଂ ପ୍ରସଙ୍ଗକୁ ଏହା ଗମ୍ଭୀରତା ସହ ନେଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ


ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚାର୍ନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)

# ଭୁବନେଶ୍ୱର ଉପକଣ୍ଠରେ ଦୋଳ ମେଳଣ



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା।
ମୋ-୮୮୯୫୧୯୦୪୭୫

ଐତିହ୍ୟ, ଇତିହାସ, ପରମ୍ପରା ଓ ସଂସ୍କୃତି ସଂପନ୍ନ ଆମ ପ୍ରିୟ ଜନ୍ମଭୂମି ପବିତ୍ର ଉତ୍କଳ ଭୂଖଣ୍ଡରେ ପାଳିତ ହୁଏ ଅନେକ ପର୍ବ-ପର୍ବାଣୀ। ପୁଣ୍ୟଭୂମି, କର୍ମଭୂମି, ତଥା ଧର୍ମ ଭୂମି ଉତ୍କଳ ପ୍ରଦେଶରେ ପାଳିତ ପର୍ବ-ପର୍ବାଣୀ ମଧ୍ୟରେ ଦୋଳ ପର୍ବ ବା ଦୋଳଯାତ୍ରାର ଭବ୍ୟ ଓ ଦିବ୍ୟ ସମ୍ଭାର ଅଧିକ ମହତ୍ତ୍ୱ ରଖିଥାଏ। ବୈଷ୍ଣବ ଧର୍ମଧାରାର ଅନ୍ୟତମ ମୁଖ୍ୟ ଆକର୍ଷଣ ଦୋଳ ଯାତ୍ରା ବା ଦୋଳ ପର୍ବ। ଭ୍ରାତୃଭାବ, ସଦ୍‌ଭାବ, ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କକୁ ସୁଦୃଢ଼ ଓ ଶକ୍ତିଶାଳୀ କରିବା ଦିଗରେ ଦୋଳଯାତ୍ରାର ଅନବଦ୍ୟ ଅବଦାନ ଅତୁଳନୀୟ। ଓଡ଼ିଶାରେ ଦୋଳଯାତ୍ରାର ପରମ୍ପରା ବହୁ ପ୍ରାଚୀନ। ଋତୁରାଜ ବସନ୍ତକୁ ସ୍ୱାଗତ କରିବା ନିମନ୍ତେ ଏହି ଯାତ୍ରାର ଆୟୋଜନ ବୋଲି କିଛି ଗବେଷକ ମତ ବ୍ୟକ୍ତ କରନ୍ତି। ଅନ୍ୟାନ ବିଦ୍ୱାନମାନଙ୍କ ମତରେ ରାଧା-କୃଷ୍ଣଙ୍କର ଅପ୍ରାକୃତ ପ୍ରେମଲୀଳା ବା ବସନ୍ତରାସ ଉପରେ ଆଧାରିତ ଏହି ଦୋଳୋତ୍ସବ। ସାଧାରଣତଃ ପାଞ୍ଚଦିନ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପାଳିତ ହୋଇଥାଏ ଦୋଳଯାତ୍ରା। କେତେକ ଅଞ୍ଚଳରେ ଫାଲଗୁନ ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ପାଞ୍ଚଦିନ ପର୍ଯ୍ୟନ୍ତ ଚାଲିଥାଏ ଦୋଳଯାତ୍ରା। ଅନ୍ୟ କେତେକ ଅଞ୍ଚଳରେ ଛଅଦିନ, ନଅଦିନ, ଦଶଦିନ ପର୍ଯ୍ୟନ୍ତ ଦୋଳୋତ୍ସବ ଚାଲିଥାଏ। ଦୋଳଯାତ୍ରାର ଅତ୍ୟତମ ପ୍ରମୁଖ ଆକର୍ଷଣ ହେଉଛି ଦୋଳ ମେଳଣ। ବିଭିନ୍ନ ଗ୍ରାମର ଠାକୁରମାନେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବିମାନରେ ଆସି ମେଳଣ ପଡିଆରେ ଠାକୁରମାନଙ୍କର ପୂଜାର୍ଚ୍ଚନା, ଭୋଗଲାଗି ଓ ଅନ୍ୟାନ ନୀତି ସଂପାଦିତ ହୁଏ । ଯାତ୍ରା ସମାପନପରେ ଠାକୁରମାନଙ୍କୁ ପାରମ୍ପରିକ ରୀତି, ନୀତି ଅନୁଯାୟୀ ବିଦାୟ ଦିଆଯାଇଥାଏ। ସାଧାରଣତଃ ତିନିପ୍ରକାର ମେଳଣ ଦେଖାଯାଏ। ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଦଶମୀ ବା ଫଗୁଦଶମୀ ଠାରୁ ଆରମ୍ଭ ହୋଇ ଦୋଳଯାତ୍ରା ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଚାଲେ। ଫଗୁଦଶମୀ ଠାରୁ ଦଶଦିନ ପର୍ଯ୍ୟନ୍ତ ପାଳିତ ଦୋଳୋତ୍ସବକୁ ପଞ୍ଚୁ ଦୋଳ କୁହାଯାଏ। ଚୈତ୍ର ମାସ ଶୁକ୍ଳପକ୍ଷ ଷଷ୍ଠୀ ଠାରୁ ଦଶଦିନ ଧରି ଅର୍ଥାତ ମଧୁ ଅମାବାସ୍ୟା ପର୍ଯ୍ୟନ୍ତ ଦଶ ଦୋଳ ମେଳଣ ପାଳିତ ହୋଇଥାଏ। ସେହିଭଳି ବାରୁଣୀ ସ୍ନାଠାରୁ ଅକ୍ଷୟ ତୃତୀୟା ପର୍ଯ୍ୟନ୍ତ ଭାଗବତ ବାସୁଦେବ ମେଳନ ଆୟୋଜିତ ହୋଇଥାଏ। ଦୋଳମେଳଣ ଓଡ଼ିଶାର ପରିଚୟ କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଶାର ସାଂସ୍କୃତିକ ଓ ଧାର୍ମିକ ଦିଗ୍‌ବଳୟକୁ ଉଦ୍‌ଭାସିତ କରିବାରେ ପ୍ରସିଦ୍ଧ ମେଳଣ ମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମଧ୍ୟରେ ପାଳିତ ଦୋଳ ମିଳନ, ଧର୍ମଶାଳାରେ ଅନୁଷ୍ଠିତ ପୁରାତନ ମୁନ୍‌ସୀ ମେଳଣ, ନେମାଳପୀଠରେ ଦୋଳଯାତ୍ରା, ବ୍ରହ୍ମଗିରିର ହରିହର ଭେଟ ଏବଂ ନୃସିଂହନାଥଙ୍କ ଦୋଳପର୍ବ, ବୈୟାଳିଶ ମୌଜାର ଗୋପିନାଥ ଦେବଙ୍କ ଦୋଳ ମେଳଣ, ଓଳକଣା ମେଳଣ ଓ ହରିରାଜପୁର ମେଳଣ, ଅନ୍ୟତମ। ଆଲୋଚ୍ୟ ବିଷୟ ରାଜଧାନୀ ଭୁବନେଶ୍ୱରର ଉପକଣ୍ଠରେ ଥିବା ଗ୍ରାମମାନଙ୍କରେ ଅନୁଷ୍ଠିତ ଦୋଳପର୍ବ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ଭାବୋଦ୍ଦୀପକ। ଭୁବନେଶ୍ୱର ଉପକଣ୍ଠରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମରେ ଦୋଳ ମେଳଣ ଆୟୋଜିତ ହୁଏ। ରାଜଧାନୀ ଉପକଣ୍ଠର ପ୍ରତ୍ୟେକ ଅଞ୍ଚଳରେ ଆୟୋଜିତ ଦୋଳଯାତ୍ରାର ରହିଛି ସ୍ୱତନ୍ତ୍ର ପରିଚୟ। ସେମାନଙ୍କର ପାରମ୍ପରିକ ରୀତିନୀତିରେ ସ୍ୱତନ୍ତ୍ରତା ଥିବାର ବାରି ହୋଇପଡେ। ଖଣ୍ଡଗିରି କୁମ୍ଭମେଳାର ପରିସମାପ୍ତି ପରେ ପରେ ଆରମ୍ଭ ହୁଏ ଶ୍ୟାମପୁର ଗ୍ରାମର ଦୋଳ ମେଳଣ। ଖଣ୍ଡଗିରି ଓ ସମ୍ ହସ୍‌ପିଟାଲ ନିକଟରେ ଥିବା ଶ୍ୟାମପୁର ଗ୍ରାମରେ ଫଗୁଦଶମୀ ଦୋଳଯାତ୍ରା ଆରମ୍ଭ ହୋଇ ତମାଣ୍ଡୋ ନିକଟସ୍ଥ ପାଞ୍ଚନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କାଶିପୁରରେ ଅକ୍ଷୟ ତୃତୀୟାରେ ସମାପ୍ତି ଘଟେ। ପ୍ରତ୍ୟେକ ଗ୍ରାମର ଦୋଳ ଯାତ୍ରାରେ ରହିଛି ବିଭିନ୍ନ ରୀତି, ନୀତି ଓ ବ୍ୟବସ୍ଥା। ଏହା ଶହଶହ ବର୍ଷଧରି ପ୍ରଚଳିତ ହୋଇ ଆସୁଅଛି। ରାଜଧାନୀ ଉପକଣ୍ଠରେ ଶ୍ୟାମପୁର ଗ୍ରାମରୁ ଫଗୁଦଶମୀରେ ଦୋଳ ମେଳଣ ଶୁଭାରମ୍ଭ ହୁଏ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ନିକଟରେ ଅବସ୍ଥିତ ଜାଗମରା ଗ୍ରାମର ଦୋଳ ମେଳଣକୁ ଶାଗଖରଡା ମେଳଣ ବୋଲି ବୟସ୍କମାନେ କହୁଥିଲେ। କାରଣ ଶାଗଖରଡିବାକୁ ଯେପରି କମ୍‌ସମୟ ଲାଗେ ମେଳଣ ଠିକ୍‌କମ୍ ସମୟରେ ସରିଯାଉଥିଲା। କିନ୍ତୁ ବର୍ତ୍ତମାନ ସେ ଅବସ୍ଥା ଆଉ ନାହିଁ ଯଥା ରୀତିନୀତି ଅନୁଯାୟୀ ମହାଆଡମ୍ବର ସହକାରେ ଜାଗମରା ଦୋଳ ମେଳଣ ଆୟୋଜିତ ହେଉଅଛି। ଭୁବନେଶ୍ୱର ଉପକଣ୍ଠରେ ଥିବା ପାତ୍ରପଡା-ଭଗବାନପୁରରେ ଏକ ନିଆରା ଦୋଳମେଳଣ ଅନୁଷ୍ଠିତ ହୁଏ। ଏହା କଣ୍ଢେଇ ମେଳଣ ନାମରେ ପରିଚିତ। ଛୋଟ ପିଲାମାନେ ନିଜ ହାତରେ ବାଉଁଶ, ଜମ୍ବୁରା, କାଗଜ ଓ ସୋଲ୍‌ରେ ଦୋଳ ବିମାନ ପ୍ରସ୍ତୁତ କରି ତା ମଧ୍ୟରେ କଣ୍ଢେଇକୁ ଦେବତା ରୂପେ ଅବସ୍ଥାପିତ କରିଥାନ୍ତି। କଣ୍ଢେଇ ଦୋଳକୁ କାନ୍ଧରେ ଧରି ଗ୍ରାମର ପ୍ରତ୍ୟେକ ବ୍ୟକ୍ତିଙ୍କ ଦାଣ୍ଡ ଦୁଆରେ କଣ୍ଢେଇ ଦେବତାଙ୍କ ଉଦ୍ଦେଶ୍ୟରେ ଭୋଗଲାଗି କରାଯାଏ। ଗ୍ରାମ ପରିକ୍ରମା ପରେ କଣ୍ଢେଇ ବିମାନକୁ ଗାଁମୁଣ୍ଡରେ ଥିବା ଛୋଟି ଭୁଆଷୁଣୀ ମନ୍ଦିର ପ୍ରାଙ୍ଗଣରେ ଅବସ୍ଥାପିତ କରାଯାଏ। ଦୀର୍ଘ ୬୦ ବର୍ଷ ଧରି ଏହି ମେଳଣ ଅନୁଷ୍ଠିତ ହୋଇ ଆସୁଅଛି। ଆଖପାଖ ପଡୋଶୀ ଗ୍ରାମମାନଙ୍କର ପିଲାମାନେ ନିଜନିଜର କଣ୍ଢେଇ ଦୋଳକୁ ଧରି ଏଠାରେ ଉପସ୍ଥିତ ହୁଅନ୍ତି। ୧୯୭୭ ମସିହାରେ ଏହି ମେଳଣ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏହାର ସଭାପତି ଥିଲେ ବୁଦ୍ଧେଶ୍ୱର ସାହୁ ଓ ସଂପାଦକ ଥିଲେ ସୁମନ ବିହାରୀ ପଟ୍ଟନାୟକ। ପ୍ରଥମେ ଅଶୋକାଷ୍ଟମୀ ତିଥିରେ ଅଶକାଷ୍ଟମୀ ତିଥିରେ ଏହି ମେଳଣ ଆୟୋଜିତ ହେଉଥିଲା। କଣ୍ଢେଇ ମେଳଣ ଓ ରାମନବମୀ ଏକା ସଙ୍ଗରେ ଆୟୋଜନ କରିବା ସମ୍ଭବପର ନହେବାରୁ ଏହାକୁ ଏବେ ମଧୁ ଅମାବାସ୍ୟାରେ ପାଳନ କରାଯାଉଅଛି। କଣ୍ଢେଇ ମେଳଣରେ ସମସ୍ତ ପାରମ୍ପରିକ ନୀତି ଓ ନିୟମ ପାଳନ କରାଯାଏ। ଜାଗମରା, ଜାଗମରା ପାଟଣା, ଶ୍ୟାମପୁର, ପାତ୍ରପଡା, ତମାଣ୍ଡୋ, ଆଇଗିଣିଆ, ସରକନ୍ତରା, ଛତାବରା, ଅରିସଲ, ନଂପୁଟ, ମଦନପୁର, ମୁଣ୍ଡମୁହାଣ, ଚନ୍ଦକା, ଶିମିଳିପାଟଣା, ମେଣ୍ଢାଶାଳ, ଦାରୁଠେଙ୍ଗ, କାଟେଣୀ, ମଳିପଡା, ସୁଆଙ୍ଗ, ବାହାଦଲପୁର, ପାଣିଚରା ଓ କାଶିପୁର ଆଦି ଗ୍ରାମରେ ଦୋଳ ମେଳଣ ଅନୁଷ୍ଠିତ ହୁଏ। ଏମାନଙ୍କ ମଧ୍ୟରୁ ପାଇକରାପୁର ଗ୍ରାମରେ ଦୁଇଟି ଦୋଳ ମେଳଣ ଅନୁଷ୍ଠିତ ହୁଏ। ପାଇକରାପୁରର ଉପର ସାହି ଓ ମହାଜନ ସାହିରେ ଦୋଳ ମେଳଣ ଅନୁଷ୍ଠିତ ହୋଇଥାଏ। ମହାଜନ ସାହିରେ ଦୋଳମେଳଣ ଅନୁଷ୍ଠିତ ହୋଇଥାଏ। ମହାଜନ ସାହି ଦୋଳ ମେଳଣ କିଛି ବର୍ଷତଳେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିଲା। ଉପର ସାହି ଦୋଳ ମେଳଣ ସ୍ୱାଇଁ ମେଳନ ନାମରେ ପରିଚିତ ଥିଲା। ଭୀମସେନ ସ୍ୱାଇଁ ନାମକ ଦୈନିକ ଧନାଢ୍ୟ ବ୍ୟକ୍ତି ଏହି ମେଳନର ବଡ ପୃଷ୍ଠପୋଷକ ଥିଲେ। ଠାକୁର ବିମାନରେ ଚାଟେରୀ ଭୋଗ ଖାଇଥାନ୍ତି। ଭୋଗ ଖିଆଇ ଅନ୍ତିମ ଦିବସରେ ଆରମ୍ଭ ହୁଏ। ଜମାଣ ପର୍ବ ଆରମ୍ଭ ହୁଏ। ହାତୀ, ଘୋଡା,ବାଘ, ବୁଢା-ବୁଢୀଆଣୀ, ଶିବ ପାର୍ବତୀ, ଟାକବାକୁଆ ପ୍ରଭୃତି ଜମାଣର ମୁଖ୍ୟ ଆକର୍ଷଣ ହୋଇଥାଏ। ବାଜା, ବାଜେଣୀ, ରୋଷଣୀ, ଆତସବାଜି ଓ ସଂକୀର୍ତ୍ତନରେ ଥାନପତି ମେଳଣ ପଡିଆକୁ ବିଜେ କରନ୍ତି। ଦୋଳ ମେଳଣକୁ ବିଭିନ୍ନ ଗ୍ରାମର ଠାକୁରମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ। ଅନ୍ୟଗ୍ରାମରୁ ନିମନ୍ତ୍ରିତ ଠାକୁରମାନେ ଆସି ଗ୍ରାମ ମୁଣ୍ଡରେ ପହଞ୍ଚିବା ପରେ ପୂଜକ ଠାକୁରମାନଙ୍କୁ ଯଥା ବିଧି ଅନୁଯାୟୀ ସ୍ୱାଗତ କରି ମେଳଣ ପଡିଆକୁ ପାଛୋଟି ନିଅନ୍ତି। ଦୋଳ ମେଳଣର ପ୍ରଥମେ ଜମାଣ, ପ୍ରଥମଦିନ ଓ ଦ୍ୱିତୀୟ ଦିନ ମେଳଣକୁ ମଝିମେଳଣ ବା ଦିଅଁ ମେଳଣ କୁହାଯାଏ। ଦିଅଁ ମେଳଣରେ ଫଗୁ ଖେଳ ଓ ହରିହର ଭେଟ ହୋଇଥାଏ। ମେଳଣର ତୃତୀୟ ଦିନ ଦୋଳୋତ୍ସବର ପରିସମାପ୍ତି ଘଟେ। ମେଳଣ ପଡିଆରେ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ, ମନୋହାରୀ ସାମଗ୍ରୀ ଓ ଘର କରଣା ଉପକରଣ ଇତ୍ୟାଦି ମିଳିଥାଏ। ଦିଅଁ ମେଳଣ ଦିନ ଅପରାହ୍ନରେ ଅତିଥି ଠାକୁରମାନଙ୍କୁ ସସମ୍ମାନେ ବିଦାୟ ଦିଆଯାଏ। ଦୋଳ ଉତ୍ସବ ଅବସରରେ ତିନିଦିନ ଧରି ପ୍ରତିଷ୍ଠିତ ଯାତ୍ରା ପାର୍ଟିମାନେ ମେଳଣ ପଡିଆରେ ଯାତ୍ରା ପରିବେଷଣ କରିଥାନ୍ତି। ଭୁବନେଶ୍ୱର ଉପକଣ୍ଠରେ ଥିବା ଗ୍ରାମମାନଙ୍କରେ ଦୋଳ ମେଳଣ ଅବସରରେ ଘରେ ଘରେ ବନ୍ଧୁ, ବାନ୍ଧବ, ଆତ୍ମୀୟ ସ୍ୱଜନ ଓ କୁଣିଆମାନଙ୍କର ଭିଡ ଲାଗିଥାଏ। ରାଜଧାନୀ ଉପକଣ୍ଠରେ ଦୋଳ ମେଳଣ ଏକ ସାଂସ୍କୃତିକ ଜାଗରଣ ଓ ଧାର୍ମିକ ବାତାବରଣ ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏଥିରେ ଦ୍ୱିମତ ନାହିଁ। ଏହା ସାମାଜିକ ଜୀବନକୁ ପ୍ରଭାବିତ କରିବା ସହିତ ଭାବ ଆଦାନ ପ୍ରଦାନର ଏକ ବଳିଷ୍ଠ ମାଧ୍ୟମ ଥିଲା।

# ପରୀକ୍ଷା ପ୍ରସ୍ତୁତି ଓ ମାନସିକ ଚାପ



ସଲିଳା ତ୍ରିପାଠୀ
ବୋଲଗଡ଼
ମୋ-୮୭୬୩୭୮୮୬୧୪

ଆଜିକାଲି ଗଣ ମାଧ୍ୟମ ମାନଙ୍କରେ ବିଭିନ୍ନ ପରୀକ୍ଷା, ପରୀକ୍ଷା ଫଳ ଏବଂ ଏଥିପାଇଁ ଛାତ୍ରଛାତ୍ରୀ ତଥା ଅଭିବାବକ ମାନଙ୍କର ପ୍ରସ୍ତୁତିକୁ ଆଧାର କରି ଅନେକ ଖବର ପ୍ରକାଶ ପାଇବା ସହିତ ବିଭିନ୍ନ ଆଳାପ ଓ ଆଲୋଚନାକୁ ସ୍ଥାନିତ କରାଯାଇଛି । ତଥାପି ପରୀକ୍ଷା ସମୟରେ ପରୀକ୍ଷାର୍ଥୀମାନେ କ'ଣ କଲେ ଭଲ ହେବ, କ'ଣ କରିବା ଉଚିତ୍ ସେ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ନିଷ୍କର୍ଷରେ ପହଞ୍ଚିବା କଷ୍ଟକର ହୋଇ ପଡୁଛି । ବର୍ତ୍ତମାନ ଛାତ୍ରଛାତ୍ରୀ, ସେମାନଙ୍କର ପିତାମାତା ତଥା ଶିକ୍ଷକ- ଶିକ୍ଷୟତ୍ରୀ ମାନେ ମଧ୍ୟ ପରୀକ୍ଷା ପାଇଁ ଚାପରେ ରହୁଛନ୍ତି । ଅବଶ୍ୟ ବେସରକାରୀ ବିଦ୍ୟାଳୟରେ ଏହାର ମାତ୍ରା ଅଧିକ । କାରଣ ଏଠାରେ ଫଳାଫଳକୁ ନେଇ ଯେପରି ଛାତ୍ରଛାତ୍ରୀଙ୍କ କ୍ୟାରିଅର ଗଢ଼ା ହୁଏ । ଠିକ୍ ସେହିପରି ଶିକ୍ଷକଙ୍କର ପାରିଶ୍ରମିକ ଓ ସ୍ଥିତି ମଧ୍ୟ ସୁଦୃଢ଼ ହୋଇଥାଏ ।

ତେବେ ଆମେ ଯଦି ପ୍ରାୟ ୨୫-୩୦ବର୍ଷ ପୂର୍ବକୁ ଫେରିଯାଉ ତେବେ ପରୀକ୍ଷାକୁ ନେଇ ସେତେବେଳର ଚିନ୍ତାଧାରାଟି ଅନେକ ଭିନ୍ନ ଥିଲା । ଅବଶ୍ୟ ପରୀକ୍ଷାକୁ ଯିବା ପୂର୍ବରୁ ଗୁରୁଜନମାନଙ୍କୁ ପ୍ରଣାମ ଏବଂ ପୂର୍ଣ୍ଣ କଳସ ଦର୍ଶନ କରିବାର ଅଭ୍ୟାସଟି ଛାତ୍ରଛାତ୍ରୀ ମାନଙ୍କର ପାଇଁ ଅତି ଜରୁରୀ ଥିଲା । ଗ୍ରାମାଞ୍ଚଳରେ ସ୍କୁଲ ମାନଙ୍କରେ ବେଳେବେଳେ ଶିକ୍ଷକଙ୍କ ଅଭାବ ଥିଲାବେଳେ ଟିୟୁସନ ସୁବିଧାର ମାତ୍ରାଟି ପ୍ରାୟ କମ୍ ଥିଲା । ତା ସଙ୍ଗେ 'କି' ବହି'ର ଅଭାବ ଅଥବା ଟେଷ୍ଟ ପେପରର ପ୍ରଚଳନ କମ୍ ହେଉଥିଲା । ଏସବୁ ପରିସ୍ଥିତିରେ ଛାତ୍ରଛାତ୍ରୀମାନେ ନିଜର ଧୀଶକ୍ତି ଏବଂ ଅଭ୍ୟାସ ବଳରେ କିମ୍ବା କୌଣସି ଦୟାଳୁ ଶିକ୍ଷକଙ୍କର ଅତିରିକ୍ତ ପାଠପଢ଼ାରୁ ସର୍ବୋପରି ସାଙ୍ଗସାଥୀମାନେ ମିଳିମିଶି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ହିଁ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ । ତା'ଛଡ଼ା ଛାତ୍ର ଓ ଛାତ୍ରୀ ମଧ୍ୟରେ ଥିବା ଫରକଟି ମଧ୍ୟ ସମସ୍ତଙ୍କ ମନରେ ଲୁକ୍‌କାୟିତ ହୋଇ ରହିଥିଲା । ତେଣୁ ଛାତ୍ରଟିକୁ ଦିଆଯାଉଥିବା ସମୟ ଓ ଅନ୍ୟାନ୍ୟ ସୁବିଧାରୁ ଛାତ୍ରୀ ମାନେ ବଞ୍ଚିତ ହେଉଥିଲେ । କାରଣ ଦୁଇଜଣଙ୍କର ଭବିଷ୍ୟତ ପରିବାର ପାଇଁ ଭିନ୍ନ ଦିଗରେ ଉଦ୍ଦିଷ୍ଟ ଥିଲା । ଅର୍ଥଗତ ଅଭାବଟି ଶିକ୍ଷାର ପ୍ରମୁଖ ବାଧା ମଧ୍ୟରୁ ଗୋଟିଏ ଥିଲା ।

ସବୁଠାରୁ ମଜା କଥା ହେଉଛି ଗୁରୁଜନମାନେ ଖାସ୍ କରି ଅଜା, ଆଇ, ଜେଜେ, ଜେଜେମା' ମାନେ ପିଲା ମାନଙ୍କୁ ଭଲରେ ପାସ୍ କରିଯାଅ ବୋଲି ଆଶୀର୍ବାଦ କରୁଥିଲେ । ଏପରିକି ସେମାନେ ନାନା ସ୍ତୁତିପାଠ କରି ଠାକୁର ଠାକୁରାଣୀଙ୍କ ପାଖରେ ଯାଚଞ୍ଚା କରୁଥିଲେ କେବଳ ମାତ୍ର ପାସ୍ କରିବା ପାଇଁ । ଆଉ ୬୦ ପ୍ରତିଶତ ମାର୍କ ବା ତା' ଠାରୁ ଅଧିକ ରଖିଦେଲେ ପରୀକ୍ଷାର୍ଥୀର ଗୋଡ଼ ତଳେ ଲାଗୁନଥିଲା । ଭାଷା ଓ ସାହିତ୍ୟ ବିଭାଗରେ ପିଲାମାନେ ୬୦ ରୁ ୭୦ ରଖିଦେଲେ ତାଙ୍କୁ ଅତି ଉଚ୍ଚ ସ୍ତରର ବିଦ୍ୟାର୍ଥୀ ବୋଲି ଧାରଣା କରାଯାଉଥିଲା । ଥରେ ଜଣେ ଛାତ୍ର ମାଟ୍ରିକ୍ ପରୀକ୍ଷାରେ ସାହିତ୍ୟରେ ୯୦ ମାର୍କ ରଖିଲାରୁ କେହି କେହି ତାଙ୍କୁ ଉପେନ୍ଦ୍ର ଭଞ୍ଜ କହି ପରିହାସ କରିଥିଲେ । ଏହି ଭଳି ଅନେକ ଘଟଣା ସମୟର ସୁଅରେ ଆକାଶ ପାତାଳ ପରିବର୍ତ୍ତନ ହୋଇଛି ।

ବର୍ତ୍ତମାନ ଗାଁ ଠାରୁ ସହର ଯାଏଁ ସମ୍ଭବତଃ ଟିଉସନର ଅଭାବ ନାହିଁ । ପ୍ରତ୍ୟେକ ପରିବାରରେ ଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଅର୍ଥଗତ ଅଭାବ ପାଇଁ ସ୍କୁଲ ଛାଡ଼ିଦେବାର ଆବଶ୍ୟକତା ଆଉ ସେଭଳି ଦେଖାଯାଉ ନାହିଁ । କା'ରଣ ସରକାର ସେସବୁକୁ ନିଜ ମୁଣ୍ଡ ଉପରକୁ ନେଇଯାଉଛନ୍ତି । ସ୍କୁଲର ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ଗ୍ରାମାଞ୍ଚଳ ହାଇସ୍କୁଲ ପିଲାଙ୍କୁ ଯାତାୟତ ପାଇଁ ସାଇକେଲ ପ୍ରଦାନ କରାଯାଇଛି । ଅଷ୍ଟମ ଶ୍ରେଣୀ ଯାଏଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥାକୁ ମଧ୍ୟ ବୃଦ୍ଧି କରି ନବମ ଦଶମ ଛାତ୍ର ଛାତ୍ରୀଙ୍କୁ ଦିଆଯିବାର ଯୋଜନା ପ୍ରସ୍ତୁତ କରାଯାଉଛି । ସ୍ମାର୍ଟ ଫୋନର ବ୍ୟବହାର ଯୋଗୁଁ ସବ ଜାନ୍ତା 'ଗୁଗଲ୍' ମାଧ୍ୟମରେ ଶିକ୍ଷାର୍ଥୀମାନେ ବହି ଠାରୁ ମୁକ୍ତ ହୋଇ ସବୁ ସମୟରେ ସବୁ କଥା ଜାଣି ପାରୁଛନ୍ତି । ତା'ଛଡା ସହରର ପିଲାଙ୍କ ପାଇଁ ଇଂରାଜୀ ମିଡ଼ିୟମ ଶିକ୍ଷା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁଖ ସୁବିଧା ସର୍ବଦା ଅନାୟାସରେ ମିଳିଯାଉଛି ।

କିନ୍ତୁ ସବୁ ସୁବିଧା ମଧ୍ୟରେ ଅସୁବିଧା ସାଜୁଛି ବର୍ତ୍ତମାନର ପ୍ରତିଯୋଗିତା ଓ ଉଚ୍ଚ ଆଶା । ପ୍ରଥମତଃ ପିତାମାତା ଓ ପରିବାର ବର୍ଗଙ୍କର ଉଚ୍ଚ ଆଶା ନିମନ୍ତେ ପିଲାମାନେ ପରୀକ୍ଷା ପୂର୍ବରୁ ଅନେକ ଚାପ ମଧ୍ୟରେ କାଳ କାଟୁଛନ୍ତି । ତତ୍‌ସହିତ ଅନ୍ୟ ପିଲା ସହିତ ହେଉଥିବା ରୀତିମତ ତୁଳନା ପାଇଁ ନିଜକୁ ମୃତ୍ୟୁ ହାତରେ ସମର୍ପି ଦେଉଛନ୍ତି । ବର୍ତ୍ତମାନ ମାଟ୍ରିକ୍ ପରୀକ୍ଷା ପୂର୍ବରୁ ହିଁ ସେମାନେ ଅନେକ ପରୀକ୍ଷାର ସମ୍ମୁଖୀନ ହେଉଛନ୍ତି । ଦିନଥିଲା ଆମ ପିତାମାତା ଆମକୁ କହୁଥିଲେ ଆରେ ତୁମେମାନେ ମାଟ୍ରିକ୍ ପରୀକ୍ଷା ଦେଇନ ତୁମେ କ'ଣ ଜୀବନର ପରୀକ୍ଷା ବିଷୟରେ ଜାଣିବା ମାତ୍ର ଏବେ ତ ଟ୍ୟୁଟୋରିଆଲ୍‌ରେ ଭର୍ତ୍ତି ହେବା ପାଇଁ ପରୀକ୍ଷା ପୁଣି ସେଠାରେ ସ୍କଲାରଶିପ୍ ପାଇଁ ପରୀକ୍ଷା ତା ବାଦେ ପ୍ରତି ସପ୍ତାହରେ, ପ୍ରତିଦିନ ପରୀକ୍ଷା ହିଁ ପରୀକ୍ଷା । ଅବଶ୍ୟ ଏତେ ସବୁ ଯୁଗୋପଯୋଗୀ ସୁବିଧା ପାଇବା ପରେ ପରୀକ୍ଷାରେ ଭଲ ନ କରିବାର ପ୍ରଶ୍ନର ଉତ୍ତର ମିଳିବା କଷ୍ଟକରହୋଇ ପଡୁଛି ।

ବଡ଼ ବଡ଼ ଚାକିରି ଯଥା ଡାକ୍ତରୀ, ଇଂଜିନିୟରିଂ ଓ ପ୍ରଶାସନିକ ବିଭାଗରେ ହେଉଥିବା ପରୀକ୍ଷାର ମାନ ଏତେ ବୃଦ୍ଧି ହୋଇଛି ଯେ ଗୋଟିଏ ଛାତ୍ର ବା ଛାତ୍ରୀ ଦିନର ୨୪ ଘଣ୍ଟାଟିକୁ ଟିକେ ବଢ଼ାଇ ଦେଲେ ମଧ୍ୟ ତାଙ୍କ ପାଇଁ କମ୍ ପଡ଼ିଯାଉଛି । ଗୋଟିଏ ପ୍ରକାରର ବହି ନୁହେଁ ପ୍ରତ୍ୟେକ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ନାନା ପ୍ରକାରର ବିଦ୍ୟାକୁ ଆୟତ୍ତ କରିବାକୁ ପଡୁଛି । କେତେ ପ୍ରକାରର ଛଣାରେ ଛାଣି ହୋଇ ସେମାନେ କୃତକାର୍ଯ୍ୟ ହେଉଛନ୍ତି ସେକଥା ଅନୁଭବୀ ଜାଣୁଥିବେ । ତେବେ ନିଜକୁ ସମାଜର ଉଚ୍ଚ ସ୍ଥାନରେ ଦେଖିବା ପାଇଁ ଇଚ୍ଛା କରୁଥିବା ପିତାମାତା ଓ ଛାତ୍ରଛାତ୍ରୀଙ୍କର ଏହାତ ବଡ଼ ଅପରାଧ ନୁହେଁ । ମାତ୍ର ଏହାର ପ୍ରଭାବରେ ଶିକ୍ଷା ସହିତ ସେମାନଙ୍କୁ ଦିଆଯାଉଥିବା ନୈତିକ ଏବଂ ବୌଦ୍ଧିକ ଶିକ୍ଷାର ପରିମାଣ ଯେ କମିଯାଉଛି ତାହା କହିବା ଅନାବଶ୍ୟକ। ତା'ଛଡ଼ା ଯେ କୌଣସି ପରିସ୍ଥିତିରେ ଖାପ ଖୁଆଇ ଚଳିବା, ନିତ୍ୟ ନୈମିତ୍ତିକ କାର୍ଯ୍ୟକୁ ସୁଚାରୁ ରୂପେ କରିବା ଓ ଘରର ଛୋଟ ବଡ଼ କାର୍ଯ୍ୟରେ ସହଭାଗୀ ହେବା ସବୁବେଳେ ସମ୍ଭବପର ହେଉନାହିଁ । ଯାହା ଆଉ ଭବିଷ୍ୟତରେ ମଧ୍ୟ ଆଶା କରାଯାଉନାହିଁ ।

ପରୀକ୍ଷା ଓ ପାଠପଢ଼ାର ରୂପ ଯୋଗୁଁ ଅନେକ ବିଦ୍ୟାର୍ଥୀଙ୍କର ଚକ୍ଷୁ ଏବଂ ମସ୍ତିଷ୍କରେ ବିଭିନ୍ନ ଅସୁସ୍ଥତା ଦେଖାଯାଉଛି । ନିଜକୁ ଏକ ନମ୍ବର ଆସନରେ ପାଇବା ପାଇଁ ହେଉଥିବା ଇଚ୍ଛା ଯୋଗୁଁ ପିତାମାତା ଓ ବିଦ୍ୟାର୍ଥୀ ରାତିଦିନ ଏକାକାର କରି ଦେଉଛନ୍ତି । ଯାହାର ଫଳ ସ୍ୱରୂପ ୦.୧, ୦.୨ ପ୍ରତିଶତରେ ଅକୃତକାର୍ଯ୍ୟ ହୋଇ ପିଲାମାନେ ହତୋତ୍ସାହିତ ହୋଇ ପଡୁଛନ୍ତି । ଏପରିକି ବାପ-ମା' ମାନଙ୍କ ଗାଳି ଶୁଣିବା ତାଙ୍କ ପକ୍ଷେ ସହ୍ୟ ହେଉନାହିଁ। ପ୍ରତ୍ୟେକ ପିଲାର ବୋଧ ଶକ୍ତି ଏବଂ ଗ୍ରହଣ କରିବାର କ୍ଷମତା ଭିନ୍ନ ହୋଇଥାଏ । ଯେତେ ସୁବିଧା ଦେଲେ ହାରାହାରି ଶିକ୍ଷାର ମାନ ବୃଦ୍ଧି ହୋଇପାରେ ମାତ୍ର ବ୍ୟକ୍ତି ଯେ ସ୍ୱତନ୍ତ୍ର ତାହା ଭୁଲିବାର ବିଷୟ ନୁହେଁ । ଆମର ଶିକ୍ଷା ବ୍ୟବସ୍ଥାର ବାରମ୍ବାର ପରିବର୍ତ୍ତନ ଯେ ପିଲାଙ୍କର କୋମଳମତି ମସ୍ତିଷ୍କ ଉପରେ ପ୍ରଭାବ ପକାଏ ତାହାକୁ ବୁଝିବା ଆବଶ୍ୟକ । ଅନେକ ସମୟରେ ପିଲାର ବସ୍ତାନୀର ବୋଝ ପାଇଁ କଥା ଉଠିଥାଏ ଯାହା ବାସ୍ତବରେ ଚିନ୍ତାର ବିଷୟବସ୍ତୁ ଅଟେ। ବର୍ତ୍ତମାନର ପ୍ରଶ୍ନ ସମୂହର ମାନ ବୟସ ଅନୁଯାୟୀ ହେଉଛି କି ନାହିଁ ତାହା ମଧ୍ୟ ଭାବିବା ଦରକାର । ସବୁଠାରୁ ବଡ଼ କଥା ହେଉଛି ପ୍ରଶ୍ନ ଗୁଡ଼ିକ କ୍ଷୁଦ୍ର ଉତ୍ତର ମୂଳକ ଅଥବା ମଲଟିପୁଲ ଚଏସ୍ ହେଉଥିବାରୁ ପିଲାର ଜ୍ଞାନ ବୃଦ୍ଧି ହେବା ପରିବର୍ତ୍ତେ କେବଳ ପରୀକ୍ଷାରେ କୃତକାର୍ଯ୍ୟ ହେବା ହିଁ ସାର ହେଉଛି । ଯାହା ଭବିଷ୍ୟତ ପାଇଁ ବାସ୍ତବରେ ବିପଜ୍ଜନକ ଅଟେ । ତେବେ ଆମ ଦେଶର ମାନନୀୟ ପ୍ରଧାନମନ୍ତ୍ରୀ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ କରି ଛାତ୍ରଛାତ୍ରୀ ମାନଙ୍କ ସହିତ ସିଧା ସଳଖ ଆଲୋଚନା କରି ସେମାନଙ୍କ ମନରୁ ଭୟ ଦୂର କରୁଛନ୍ତି ଏବଂ କୌଣସି ଚାପର ସମ୍ମୁଖୀନ ନ ହେବା ପାଇଁ ଗଠନ ମୂଳକ ପରାମର୍ଶ ଦେଉଛନ୍ତି ଯାହା ପ୍ରକୃତରେ ଆବଶ୍ୟକ ଓ ସ୍ୱାଗତଯୋଗ୍ୟ । ତେବେ ଏହିଭଳି ଆଲୋଚନା ପ୍ରତ୍ୟେକ ପରିବାର ଠାରୁ ଆରମ୍ଭ କରି ବିଦ୍ୟାଳୟ ବା ମହାବିଦ୍ୟାଳୟରେ ହେବା ଉଚିତ୍ । ଯାହା ଫଳରେ ବିଦ୍ୟାର୍ଥୀମାନେ ଜୀବନର ଏଇ ଶିକ୍ଷା ଭିତ୍ତିକ ପରୀକ୍ଷା ଠାରୁ ଆରମ୍ଭ କରି ସମସ୍ତ ଛୋଟ ବଡ଼ ପରୀକ୍ଷାରେ ମୁକ୍ତ ଭାବରେ ସାମନା କରି କୃତକାର୍ଯ୍ୟ ହୋଇ ପାରିବେ । ଅଧ୍ୟୟନ କରିବା, ଜ୍ଞାନ ଲାଭ କରିବା, ପରୀକ୍ଷାରେ ଭଲ ନମ୍ବର ରଖିବା ପୁଣି ସର୍ବଶେଷରେ ଏ ସମସ୍ତ କାର୍ଯ୍ୟକୁ ଜୀବନ ଯୁଦ୍ଧରେ ସଠିକ ଭାବରେ ପ୍ରମାଣିତ କରିବା ଏକା ଧାରାରେ ପ୍ରାପ୍ତ ହେବା କାଠିକର ପାଠ ହୋଇଥାଏ । ହାରିବା ଓ ଜିତିବାର ଖେଳ ସବୁବେଳେ ସମାନ ହୁଏ ନାହିଁ । ତେଣୁ ଚେଷ୍ଟା ନ କରି ବିଫଳ ହେବା ଠାରୁ ଚେଷ୍ଟା କରି ଉଭୟ ସଫଳତା ଓ ବିଫଳତାକୁ ସମାନ ଭାବେ ଗ୍ରହଣ କରିନେବା ଆମର ସର୍ବମୋଟ କର୍ତ୍ତବ୍ୟ ଅଟେ ।

# ସ୍ୱାସ୍ଥ୍ୟସେବାର ଦୟନୀୟ ସ୍ଥିତି



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ସୁସ୍ଥ ଓଡିଶା-ସୁଖୀ ଓଡିଶା ପାଇଁ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ଏବଂ ବର୍ତ୍ତମାନର ସରକାର ଏହାର ନାମ ପରିବର୍ତ୍ତନ କରି ରାଜ୍ୟର ଗରିବ, ଅସହାୟ ପରିବାରକୁ ୫ଲକ୍ଷ ଟଙ୍କା ଓ ମହିଳାମାନଙ୍କ ଲାଗି ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦେଉଛନ୍ତି। ଏଥିସହ କେନ୍ଦ୍ର ସରକାରଙ୍କର ଆୟୁଷ୍ମାନ ଭାରତ ଯୋଜନା ସ୍ୱାସ୍ଥ୍ୟ ଯୋଜନା ଯୋଡି ହେବାକୁ ଯାଉଛି। ସେହିପରି ରାଜ୍ୟରେ ଏବେ ଗୋଟିକ ପରେ ଗୋଟିଏ ମେଡିକାଲ କଲେଜ ଏବଂ ହସ୍‌ପିଟାଲ ଗଡି ଉଠୁଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୭ଟି ସରକାରୀ ଏବଂ ୪ଟି ବେସରକାରୀ ମେଡିକାଲ କଲେଜ ଏବଂ ହସ୍‌ପିଟାଲ ରହିଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବାକୁ ରାଜ୍ୟ ସରକାର ଘୋଷଣା କରିସାରିଲେଣି। କେବଳ ଏତିକି ନୁହେଁ, ରାଜ୍ୟର ସରକାରୀ ହସ୍‌ପିଟାଲଗୁଡିକରେ ରୋଗୀଙ୍କୁ ମାଗଣାରେ ଔଷଧ ଠାରୁ ଆରମ୍ଭ କରି ସମସ୍ତ ପରୀକ୍ଷା ମାଗଣାରେ ଦିଆଯାଉଛି। ଏହା ସତ୍ତ୍ୱେ ରାଜ୍ୟରେ ସ୍ୱାସ୍ଥ୍ୟ ସେବା ନେଇ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷଣ(ସିଏଜି) ଯେଉଁ ରିପୋର୍ଟ ଦେଇଛନ୍ତି, ତାହା ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ରକୁ ପ୍ରଦର୍ଶିତ କରିଛି ବୋଲି କହିଲେ ଅତିରଞ୍ଜିତ ହୋଇନପାରେ। ଏହାର ମୁଖ୍ୟକାରଣ ହେଉଛି ଡାକ୍ତର, ନର୍ସ ସାଙ୍ଗକୁ ଆନୁଷଙ୍ଗିକ ଭିତ୍ତିଭୂମିର ଅଭାବ ବୋଲି କୁହାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ସରକାରୀ ବ୍ୟବସ୍ଥା ଅନୁଯାୟୀ ପ୍ରତି ୧୦୦୦ ଜନସଂଖ୍ୟାରେ ଜଣେ ଡାକ୍ତର ରହିବା ବ୍ୟବସ୍ଥା ରହିଥିବାବେଳେ ରାଜ୍ୟରେ ଏବେ ୧୬୨୨ ଲୋକଙ୍କ ପାଇଁ ଜଣେ ଡାକ୍ତର ଅଛନ୍ତି। ସେହିପରି ପ୍ରତି ୩୦୦୦ ଲୋକଙ୍କ ପାଇଁ ଜଣେ ଡାକ୍ତର ଅଛନ୍ତି। ସେହିପରି ପ୍ରତି ୩୦୦୦ ଲୋକଙ୍କ ପାଇଁ ଜଣେ ଷ୍ଟାଫ ନର୍ସ ରହିବାକୁ ଧାର୍ଯ୍ୟ ହୋଇଥିବା ସମୟରେ ୩୮୨୯ ଲୋକରେ ଜଣେ ନର୍ସ ଅଛନ୍ତି। କଥାରେ ଅଛି ଚାଳକ ନଥିଲେ ଗାଡି ଚାଲିବ କିପରି ? ଡାକ୍ତର, ଷ୍ଟାଫ ନର୍ସ ଓ ଆନୁଷଙ୍ଗିକ ସୁବିଧା ସୁଯୋଗ ତଥା ଭିତ୍ତିଭୂମି ଅଭାବରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ଏକ ପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି ବୋଲି କହିଲେ ଅତିରଞ୍ଜିତ ହେବ ନାହିଁ। ସିଏଜି ରିପୋର୍ଟରେ କୁହାଯାଇଛି ଯେ, ରାଜ୍ୟରେ ଏବେ ବିଭିନ୍ନ ବିଭାଗରେ ୪୦ ଭାଗ ଡାକ୍ତର ଓ ୪୯ ଭାଗ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଛି। ସେହିପରି ୩୦ପ୍ରତିଶତ ଷ୍ଟାଫ ନର୍ସ ପଦବୀ ଖାଲି ପଡିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯଥାକ୍ରମେ ୪୦ ଓ ୫୮ ପ୍ରତିଶତ ଡାକ୍ତର ପଦବୀ ଖାଲି ପଡିଛି। ଅର୍ଥାତ ରାଜ୍ୟରେ ଜନସଂଖ୍ୟା ଦୃଷ୍ଟିରୁ ଯେତିକି ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ରହିଛି। ସେଥି ମଧ୍ୟରେ ଅର୍ଦ୍ଧେକ ପଦବୀ ଖାଲି ପଡିଥିବା ରିପୋର୍ଟ କହେ। ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ଥିବା ଡାକ୍ତରଖାନାଗୁଡିକରେ ଡାକ୍ତର ଅଭାବରୁ କମ୍ପାଉଣ୍ଡର, ଏପରିକି ସୁଇପର (ଝାଡୁଦାର) ରୋଗୀଙ୍କ ଚିକିତ୍ସା କରୁଥିବା ରିପୋର୍ଟ ପ୍ରକାଶ ପାଇଛି। କେବଳ ଏତିକି ନୁହେଁ, ରାଜ୍ୟରେ ଏବେ ୧୭ଟି ଭେଷଜ, ୪ଟି ହୋମିଓପାଥିକ ଏବଂ ୩ଟି ଆୟୁର୍ବେଦିକ ମହାବିଦ୍ୟାଳୟ ଥିବାବେଳେ ସେଥିରେ ୬୫ଭାଗ ଡାକ୍ତର ଏବଂ ୬୭ ଭାଗ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡିଛି। ଏଥିରୁ ଡାକ୍ତରୀ ଛାତ୍ରଛାତ୍ରୀମାନେ ଉନ୍ନତମାନର ଶିକ୍ଷା ଆଶା କରିବେ କିପରି ବୋଲି ପ୍ରଶ୍ନ ଉଠେ। ସେହିପରି ରାଜ୍ୟରେ ଷ୍ଟାଫ ନର୍ସଙ୍କ ଅଭାବ ମଧ୍ୟ ଉଦ୍‌ବେଗଜନକ। ରାଜ୍ୟରେ ୩୦ପ୍ରତିଶତ ଷ୍ଟାଫ ନର୍ସ ପଦବୀ ଖାଲିପଡିଛି। ଆହୁରି ମଧ୍ୟ ପ୍ରାୟ ୪୦୨୦ ଷ୍ଟାଫ ନର୍ସ ଆବଶ୍ୟକ ଥିବାବେଳେ ସରକାର ୨୧୫୭ ଷ୍ଟାଫନର୍ସ ଆବଶ୍ୟକ ଥିବାବେଳେ ସରକାର ୨୧୫୭ ଷ୍ଟାଫ ନର୍ସ ମଞ୍ଜୁରୀ ପ୍ରାପ୍ତ ପଦବୀ ରହିଛି। ଆହୁରି ମଧ୍ୟ ଡାକ୍ତରଖାନାଗୁଡିକରେ ରୋଗୀଙ୍କ ପାଇଁ ବେଡର ଘୋର ସଙ୍କଟ ପଡିଛି। ଜାତୀୟ ସ୍ୱାସ୍ଥ୍ୟନୀତି ୨୦୧୭ ଅନୁଯାୟୀ ରାଜ୍ୟରେ ମୋଟ ୯୧,୩୯୨ ଶଯ୍ୟା ବ୍ୟବସ୍ଥା କରିବାକୁ ଥିବାବେଳେ ମାତ୍ର ୩୨,୨୬୭ ବେଡ ରହିଛି। ବଡ ମେଡିକାଲ ବା ମେଡିକାଲ ହେବାକୁ ଥିବାବେଳେ ମାତ୍ର ୩୨,୨୬୭ ବେଡ ରହିଛି। ବଡ ମେଡିକାଲ ବା ମେଡିକାଲ କଲେଜଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ଡାକ୍ତରଖାନାରେ ଶଯ୍ୟା ଅଭାବରୁ ରୋଗୀ ବାରଣ୍ଡାରେ ପଡିଥିବା ଦେଖାଯାଏ। ଯାହାକି ଆବଶ୍ୟକ ଶଯ୍ୟା ଠାରୁ ୬୪ ପ୍ରତିଶତ କମ୍। ସେହିପରି ନିରାମୟ ଯୋଜନାରେ ସରକାର ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇବା ବ୍ୟବସ୍ଥା କରୁଥିବାବେଳେ ଔଷଧ ମିଳୁନଥିବା ଅଭିଯୋଗ ହୁଏ। ଆହୁରି ମଧ୍ୟ ଔଷଧର ମାନ ବା ଗୁଣବତ୍ତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାର ନିମ୍ନମାନର ଔଷଧ ହସ୍‌ପିଟାଲଗୁଡିକୁ ଯୋଗାଉଥିବା ଅଭିଯୋଗ ହୁଏ। ସରକାରୀ ଔଷଧ ପାଇଁ ଲୋକେ ବ୍ୟଗ୍ର କିନ୍ତୁ ସେସବୁ ଔଷଧ କାମ କରୁନଥିବା ଯୋଗୁଁ ରୋଗୀ ଏବେ ମୁହଁ ଫେରାଇଲେଣି। ସେହିପରି ସରକାରୀ ଡାକ୍ତରଖାନା ଗୁଡିକରେ ଉନ୍ନତମାନର ଯନ୍ତ୍ରପାତି ତଥା ଉପକରଣ ନଥିବା ଯୋଗୁଁ ରୋଗୀ ଘରୋଇ ଡାକ୍ତରଖାନ ମୁହାଁ। ରାଜ୍ୟରେ ମଧ୍ୟ ଘରୋଇ ହସ୍‌ପିଟାଲ ଛତୁ ଫୁଟିବା ଭଳି ଗଡିଉଠୁଥିବାବେଳେ ରୋଗୀଙ୍କୁ ଶୋଷଣ କରିବାର ମାଧ୍ୟମ ହୋଇଥିବା ଅଭିଯୋଗ ହୁଏ। ସ୍ୱାସ୍ଥ୍ୟବୀମାଧାରୀ ଉନ୍ନତମାନର ଚିକିତ୍ସା ପାଇଁ ଘରୋଇ ହସପିଟାଲ ମୁହାଁ ହୋଇଥିବାବେଳେ ବୀମା ରାଶି ଲୁଟ୍ ହେବା ସାର ହେଉଛି। ଯାହାକି ଗଣମାଧ୍ୟମର ଶିରୋନାମା ପାଲଟିଛି। ଏହା ନିସନ୍ଦେହ ଯେ, ରାଜ୍ୟରେ ମେଡିକାଲ କଲେଜ ଓ ହସପିଟାଲ ସଂଖ୍ୟା ବୃଦ୍ଧି ପାଇବା, ଗ୍ରାମାଞ୍ଚଳରେ ଡାକ୍ତରଖାନା ନୂଆ ନୂଆ ଡାକ୍ତରଖାନା ପ୍ରତିଷ୍ଠା ହେଉଥିବାବେଳେ ଡାକ୍ତର, ଷ୍ଟାଫ ଏବଂ ଭିତ୍ତିଭୂମିର ଅଭାବ ସ୍ୱାସ୍ଥ୍ୟ ସେବାକୁ ବିପର୍ଯ୍ୟନ୍ତ କରିଦେଇଛି। ଏଥିପ୍ରତି ସରକାର ଧ୍ୟାନ ଦେବେ ବୋଲି ଆଶା କରିବା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ ଅଧିକାରୀ ୪ ବର୍ଷର ଆଦଭିକ୍

ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡରେ ଚାରି ବର୍ଷର ଶିଶୁ ଆଦଭିକ୍ ପାଢ଼ୀ । ଫଟାଫଟ୍ ସବୁ ପ୍ରଶ୍ନର ଉତ୍ତର ଦେଉଛନ୍ତି ଏହି କୁନି ବିସ୍ମୟ ବାଳକ। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସହର ଭଗାମୁଣ୍ଡା ସାହିର ଅମୂଲ୍ୟ ପାଢ଼ୀ ଓ ପ୍ରିୟଙ୍କା ପାଢ଼ୀଙ୍କ ସୁପୁତ୍ର ଆଦଭିକ୍ ପାଢ଼ୀ । ସେ ବାଲିଗୁଡ଼ା ସ୍ଥିତ ସାଇ ପ୍ରଭୁଜୀ ଗ୍ଲୋବାଲ୍ ସ୍କୁଲ୍‌ରେ ନର୍ସରୀ ଶ୍ରେଣୀରେ ପାଠ ପଢୁଛନ୍ତି । ଆଦଭିକ୍ ୧ ମିନିଟ୍ ୪୩ ସେକେଣ୍ଡରେ ଫଟାଫଟ୍ ୧୦୦ ପ୍ରଶ୍ନର ସଠିକ୍ ଉତ୍ତର ଦେଇ ଏହି ସଫଳତା ହାସଲ କରିଛନ୍ତି । ପୂର୍ବରୁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ମଧ୍ୟ ନିଜକୁ ସ୍ଥାନିତ କରିଥିଲେ । ବିସ୍ମୟ କୁନି ବାଳକ ଆଦଭିକ୍‌କୁ ସବୁଆଡୁ ପ୍ରଶଂସାର ସୁଅ ଛୁଟୁଛି । ସାଇ ପ୍ରଭୁଜୀ ଗ୍ଲୋବାଲ୍ ସ୍କୁଲ୍‌ରେ ଆଦଭିକ୍ ଏବଂ ତାଙ୍କ ପିତା ମାତାଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି । ସେପଟେ ପୁଅର ଏଭଳି ଟ୍ୟାଲେଣ୍ଟ ଏବଂ ସଫଳତାକୁ ନେଇ ବାପା ମା' ବେଶ୍ ଖୁସି ଥିବାବେଳେ ଆଗକୁ ଆଦଭିକ୍ ଯେଭଳି ଅଧିକ ସଫଳତା ହାସଲ କରିବ ଏବଂ ବାଲିଗୁଡ଼ା ସମେତ କନ୍ଧମାଳ ଜିଲ୍ଲାର ନାଁ ରଖିବ ସେନେଇ ଆମେ ଚେଷ୍ଟିତ ବୋଲି କହିଛନ୍ତି ଆଦଭିକ୍‌ଙ୍କ ମା' ପ୍ରିୟଙ୍କା ।

# ବର୍ଦ୍ଧିତ ବିଲ୍‌କୁ ନେଇ ବିଦ୍ୟୁତ୍ କାଟ୍:କାର୍ଯ୍ୟାଳୟରେ ହୋହାଲ୍ଲା



ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୋଡ଼ମ୍ପେଟା ଓଡ଼ିଆରପି କଲୋନୀରେ ବିଦ୍ୟୁତ୍ କାଟ୍‌କୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ସମ୍ପ୍ରତି ସାମୁଦ୍ରିକ କଇଁଛ ମାନଙ୍କ ଋଷିକୁଲ୍ୟା ମୁହାଁଣରେ ସମାଗମ ହୋଇଥିବାରୁ ୭ ମାସ ସମୁଦ୍ରରେ ମାଛ ମାରିବା ନେଇ କଟକଣା ରହିଛି । ଯାହାକୁନେଇ ସ୍ଥାନୀୟ ସାମୁଦ୍ରିକ ମତ୍ସ୍ୟଜୀବୀ ମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଉଛି । ଅନ୍ୟପଟେ ମାଟ୍ରିକ୍ ପରୀକ୍ଷା ଚାଲିଥିବା ବେଳେ ବିଦ୍ୟୁତ୍ କାଟ୍ ଯୋଗୁଁ ଛାତ୍ର ଛାତ୍ରୀ ମାନଙ୍କ ପାଠ ପଢ଼ାରେ ଘୋର ବ୍ୟାଘାତ ଘଟିଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି । ଗ୍ରାମବାସୀ କହିଛନ୍ତି କି ସମୁଦ୍ରର ଆଁ ମଧ୍ୟରେ ନୁଆଁ ପୋଡ଼ମପେଟା ଗ୍ରାମ ଲୀନ ହେବାକୁ ଯାଉଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୁଦ୍ରିକ ମତ୍ସ୍ୟଜୀବୀ ମାନଙ୍କୁ ଓଡ଼ିଆରପି ଗୃହ ପ୍ରଦାନ କରି ଥଇଥାନ କରାଯାଇଥିଲା । ହେଲେ ସେମାନେ ଗୃହ ପ୍ରବେଶ ପୂର୍ବରୁ ବର୍ଦ୍ଧିତ ବିଲ୍ ରହିଥିଲା। ଅନ୍ୟପଟେ ନୂତନ ସ୍ମାର୍ଟ ମିଟର ବସାଯାଇ ଟାଟା ବିଦ୍ୟୁତ ବିଭାଗ ପକ୍ଷରୁ ସେମାନଙ୍କୁ ବିଲ୍ ପୈଠ କରିବାକୁ ବାଧ୍ୟ କରାଯାଥିଲା । ଏତେ ଟଙ୍କା ବାନ୍ଧିବା ପାଇଁ ଯୋର୍ ଜବରଦସ୍ତ କରାଯାଇଥିବା ବେଳେ ଉପଭୋକ୍ତା ମାନେ ଏତେ ଟଙ୍କା ବାନ୍ଧିବା ନିମନ୍ତେ ଅକ୍ଷମତା ପ୍ରକାଶ କରିଥିଲେ । ଯାହାଫଳରେ ସେମାନଙ୍କ ଘରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲା । ଯାହାକୁନେଇ ପ୍ରାୟ ୩୦ ପରିବାର ଗଞ୍ଜାମ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ହୋ ହାଲ୍ଲା କରିଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ସେମାନେ ଅନ୍ଧାରରେ ରହିଥିବା ବେଳେ ସେମାନଙ୍କୁ ବ୍ରହ୍ମପୁର ବିଦ୍ୟୁତ୍ କାର୍ଯ୍ୟାଳୟରେ ଲିଖିତ ଭାବେ ବିଲ୍ ପୈଠ କରିବା ନେଇ ଜଣାଇଲେ ସେମାନଙ୍କୁ ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ଗଞ୍ଜାମ ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ଏନେଇ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଅଞ୍ଚବାସୀଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି ।

# ଭୀମଭୋଇଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ଦାବିରେ ଗଣଧାରଣା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ଆହ୍ୱାନରେ ସନ୍ଥ କବି ଭୀମଭୋଇଙ୍କ ମୂର୍ତ୍ତି ସୁବର୍ଣ୍ଣପୁରର ବ୍ଲକ୍ ଛକରେ ପୁନଃସ୍ଥାପନ ଦାବିକରି ଏକ ଗଣଧାରଣା ବ୍ଲକ୍ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ଗଣଧାରଣାରେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରର ସଭାନେତ୍ରୀ ପ୍ରାଧାପିକା ମୀନା ମହାରଣା, ସଂପାଦିକା ମଞ୍ଜୁଳା ମିଶ୍ର, ଉପ ସଭାନେତ୍ରୀ ଭଗବତୀ ରାୟଗୁରୁଙ୍କ ସମେତ ବହୁ ସଂଖ୍ୟକ ସଭ୍ୟା ତଥା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା କୋଶଳ ସାହିତ୍ୟ ସଂସ୍କୃତି ଏକାଡେମୀର ଶିକ୍ଷାବିତ୍ ବ୍ରଜମୋହନ ଦାନୀ, ସନ୍ଥକବି ଚନ୍ଦ୍ରମଣି ଦାସ ଓ ଭୀମଭୋଇ ସ୍ମୃତି ଟ୍ରଷ୍ଟ ସଭାପତି ଗୋରେଖନାଥ ସାହୁ, ବୈଦିକ ବିଚାର ମଞ୍ଚ ସଭାପତି ପଙ୍କଜ କୁମାର ମେହେର, ଶ୍ରୀ ଯୋଗେଶ୍ୱର ମନ୍ଦିର ଟ୍ରଷ୍ଟ ସଂପାଦକ ଦିଲ୍ଲିପ କୁମାର ରଥ, ମହାନଦୀ ସାହିତ୍ୟ ସଂସଦ ସଭାପତି ଏଡ୍‌ଭୋକେଟ୍ ଶ୍ୟାମା ଓଁ ପ୍ରସାଦ ମିଶ୍ର, ଏଡ୍‌ଭୋକେଟ୍ ବଳଦେବ ବେଦବାକ, ପ୍ରଦୀପ କୁମାର ପୁରୋହିତ, ସତ୍ୟ ମହିମା ଧର୍ମ କର୍ମକର୍ତ୍ତା ଓ ଭକ୍ତ ଦୁର୍ଗା କଲତା, ରାମଗୋପାଳ ବାଘ, ସୁଧୀର କୁମାର ଜଗଦଲା, ପିତାମ୍ବର କୁମ୍ଭାର, ସମାଜସେବୀ ନାଟ୍ୟକାର ଗଦାଧର ବାରିକ, ବୈକୁଣ୍ଠ ଶତପଥି, ମନୋଜ ବାରିକ, ମାରୱାଡ଼ି ମହିଳା ମଞ୍ଚ ତଥା ତପସ୍ୱିନୀ ଅନୁଷ୍ଠାନର ଶ୍ରଦ୍ଧାଞ୍ଜଳୀ ମିଶ୍ର, ସୁନନ୍ଦା ସାହୁ, ପୂର୍ଣ୍ଣିମା ସା, ଗାୟତ୍ରୀ ପରିବାରର ଅମ୍ବିକା କଲତା ପ୍ରମୁଖ ଗଣଧାରଣାରେ ଯୋଗ ଦେଇଥିଲେ ଓ ଏହି ଉପଲକ୍ଷେ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ତରଫରୁ ଏକ ଲିଖିତ ସ୍ମାରକ ପତ୍ର ସୁବର୍ଣ୍ଣପୁର ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଯାହାର ଏକକିତା ନକଲ ସ୍ଥାନୀୟ ପୋଲିସ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ଓ ଖୁବ୍ ଶୀଘ୍ର ଭୀମଭୋଇଙ୍କ ମୂର୍ତ୍ତି ପୁନଃ ପ୍ରତିଷ୍ଠା କରାଯାଇ ଛକର ନାମ ଭୀମଭୋଇ ଛକ ରଖାଯିବାକୁ ସ୍ମାରକ ପତ୍ରରେ ଦାବି କରାଯାଇଛି ।

# ସପ୍ତମ ଜନ-ଔଷଧି ଦିବସରେ ଯୋଗଦେଲେ ବୈଜୟନ୍ତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲା ଗରାପୁର ଠାରେ ସପ୍ତମ ଜନଔଷଧି ଦିବସ ଉପଲକ୍ଷେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ଲୋକସଭା ସାଂସଦ ବୈଜୟନ୍ତ ଜୟ ପଣ୍ଡା ଯୋଗଦେଇଥିଲେ । ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଜରିଆରେ ସୁଲଭ ଦରରେ ମିଳୁଥିବା ଉନ୍ନତମାନର ଜେନେରିକ ଔଷଧ ହେଉଛି ୫୦%ରୁ ୮୦% ପର୍ଯ୍ୟନ୍ତ ଶସ୍ତା ଔଷଧ । ଏହା ହେଉଛି ଉଚ୍ଚମାନର ଡବ୍ଲୁଏଚ୍ଓ ଏବଂ ଏନ୍ଏବିଏଲ୍ ପ୍ରମାଣିତ ଔଷଧ । ଏହାର ବହୁଳ ପ୍ରଚାର ଓ ପ୍ରସାର କରିବା ପାଇଁ ସାଂସଦ ସମସ୍ତଙ୍କୁ ଆହ୍ୱାନ୍ ଦେଇଥିଲେ । ଉପସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରୀୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପ ସମେତ ୧୦୬ ପ୍ରକାର ଔଷଧ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରୀୟ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରେ ୧୭୨ ପ୍ରକାର ଔଷଧ ବିନା ମୂଲ୍ୟରେ ଉପଲବ୍ଧ ହେଉଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସ୍ମିତିରଞ୍ଜନ ପ୍ରଧାନ ସମସ୍ତ ଡାକ୍ତରଙ୍କୁ ଜେନେରିକ୍ ଔଷଧ ଲେଖିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ତେଜେଶ୍ୱର ପରିଡା, ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ନୃପେନ୍ ଶତପଥି, ପୂର୍ବତନ ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ବୁଦ୍ଧିଜୀବୀ, ଜନସାଧରଣ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଜନଔଷଧି କେନ୍ଦ୍ରର ମୁଖ୍ୟ ଓ କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ ।

# କେନ୍ଦୁଝର ଜିଲ୍ଲାରେ ୪ ଲକ୍ଷ ୨୪ ହଜାର ମହିଳା ପାଇଲେ 'ସୁଭଦ୍ରା'ର ଦ୍ୱିତୀୟ କିସ୍ତି

କେନ୍ଦୁଝର, ନ୍ୟୁଜ୍



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଂଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆ ଠାରେ ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି । ଏହି ଅବସରରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ କାଳୀ ପଡିଆ ଠାରେ ଜିଲ୍ଲା ସ୍ତରୀୟ ସମାରୋହ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଙ୍ଗଲ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆ ଯୋଗଦେଇ ରାଜ୍ୟ ସରକାର ମହିଳାଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ନିମନ୍ତେ ନିଜ ନିଷ୍ଠାପର କାର୍ଯ୍ୟ ଜାରି ରଖିଛନ୍ତି ବୋଲି କହିଥିଲେ। ଆହୁରି ମଧ୍ୟ ନିଜ ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ସୁଭଦ୍ରା ଯୋଜନା ମହିଳାଙ୍କୁ ଆର୍ଥିକ ସ୍ତରରେ ସ୍ୱତନ୍ତ୍ରତା ପ୍ରଦାନ କରିବା ନିମନ୍ତେ ପରିକଳ୍ପନା କରାଯାଇଥିଲା ଯାହା ଆଜି ବାସ୍ତବତାର ରୂପ ନେଇଛି । ଏହା ଆଜି ଏକ ବିପ୍ଳବରେ ପରିଣତ ହୋଇଛି ଓ ଆଶାଠାରୁ ଆହୁରି ଅଧିକ ସଫଳ ହୋଇପାରିଛି । ସୁଭଦ୍ରା ଯୋଜନା କେବଳ ବର୍ଷକୁ ଦୁଇଥର ସହାୟତା ବାଣ୍ଟିବା କାର୍ଯ୍ୟକ୍ରମ ନୁହେଁ ବରଂ କିଶୋରୀ ମାନଙ୍କ ଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ସମେତ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି ଓ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ମିତା ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟକି, କେନ୍ଦୁଝର ଜିଲ୍ଲାରୁ ସର୍ବମୋଟ୍ ୪,୫୩,୯୦୯ ଜଣ ଆବେଦନକାରୀଙ୍କ ମଧ୍ୟରୁ ୪,୨୪,୭୩୪ ଜଣ ହିତାଧିକାରୀ ଦ୍ୱିତୀୟ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି । ସମସ୍ତେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ କାର୍ଯ୍ୟକ୍ରମ ଦେଖିବା ସହ ଜିଲ୍ଲା ମହିଳା ଏବଂ ଶିଶୁବିକାଶ ବିଭାଗରେ କାର୍ଯ୍ୟରତ ନିଷ୍ଠାପର କର୍ମଚାରୀଙ୍କୁ ସମ୍ମାନିତ କରିଯାଇଥିଲା । ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭାବେ ତେଲକୋଇର ସୀମା ଦାସ, ଶ୍ରେଷ୍ଠ ସୁପରଭାଇଜର ଭାବେ ଝୁମ୍ପୁରାର ସୁଭଦ୍ରା ମହାନ୍ତଙ୍କୁ ସମ୍ମାନିତ କରଯାଇଥିଲା ଏବଂ ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାର ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡି କର୍ମୀ ଓ ହେଲ୍‌ପର୍ ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଓ କର୍ମୀଙ୍କ ସମେତ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିଥିବା ସମସ୍ତ କଳାକାର ମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା ।

# 'ସମାଜରେ ମହିଳାଙ୍କୁ ସମ୍ମାନ ଦେବା ସମସ୍ତଙ୍କ ଦାୟିତ୍ୱ'

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ନାରୀ ହେଉଛି ପ୍ରକୃତି ଓ ପୁରୁଷଙ୍କ ଏକ ଶ୍ରେଷ୍ଠ ଅବଦାନ ଓ ନାରୀ ହେଉଛି ଜନ୍ମଦାତ୍ରୀ ତେଣୁ ସେ ବନ୍ଦନୀୟା, ପୂଜନୀୟା ଓ ନାରୀ ବିନା ସମାଜର ଅଗ୍ରଗତି ଅକଳ୍ପନୀୟ ଓ ଯେଉଁଠାରେ ନାରୀ ପୂଜାପାଏ ସେଠାରେ ଦେବତାମାନେ ରମଣ କରନ୍ତି ଓ ନାରୀ ଜାତିକୁ ସମାଜରେ ଉପଯୁକ୍ତ ସମ୍ମାନ ଦେବା ହେଉଛି ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ । ଏହାଥିଲା ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର, ସୁବର୍ଣ୍ଣପୁରରେ ଅନୁଷ୍ଠିତ ବିଶ୍ୱ ମହିଳା ସପ୍ତାହ ପାଳନ ଅବସରରେ ବକ୍ତାମାନଙ୍କ ବକ୍ତବ୍ୟର ସାରାଂଶ । ଏହି ଉପଲକ୍ଷେ ଅନୁଷ୍ଠିତ ଏକ ସାଧାରଣ ସଭାରେ ସୁବର୍ଣ୍ଣାର ସଭାନେତ୍ରୀ ପ୍ରାଧାପିକା ମୀନା ମହାରଣା ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ । ଏଥିରେ ଅଧ୍ୟାତ୍ମବାଦୀ ପଙ୍କଜ କୁମାର ମେହେର, ମହିମାଧର୍ମୀ ଦୁର୍ଗା କଲତା, ରାମଗୋପାଳ ବାଘ, ସୁଧୀର କୁମାର ଜଗଦଲା, ପିତାମ୍ବର କୁମ୍ଭାର, ସମାଜସେବୀ ଦିଲ୍ଲିପ କୁମାର ରଥ, ବରିଷ୍ଠ ସାମ୍ବାଦିକ ଗୋରେଖନାଥ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମହିଳା ଦିବସ ଓ ସପ୍ତାହ ପାଳନର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଏଥିରେ ସମ୍ମାନିତ ବକ୍ତାଭାବେ ସୁନନ୍ଦା ସାହୁ, ଭଗବତୀ ରାୟଗୁରୁ, ଶ୍ରଦ୍ଧାଞ୍ଜଳୀ ମିଶ୍ର, ଗୀତା ବହିଦାର, କଳ୍ପନା ମେହେର, ମଞ୍ଜୁଳା ଝାଙ୍କର, ବାସନ୍ତୀ ପାତ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସୁବର୍ଣ୍ଣାର ସମ୍ପାଦିକା ମଞ୍ଜୁଳା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିବାର ଓ ରାଷ୍ଟ୍ର ଗଠନରେ ମହିଳାମାନଙ୍କ ସହଭାଗିତା ଉପରେ ଗୁରୁତ୍ୱ

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚୀବ ଜ୍ୟୋତିର୍ମୟୀ ଦାସଙ୍କ ଅଧ୍ୟକ୍ଷତାରେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଅତଲାପୁର ଗ୍ରାମର ଗୋପୀନାଥ ଜିଉ ଉଚ୍ଚ ବିଦ୍ୟାଳୟ ବାଲିପାଟଣା ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ସହିତ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ମହିଳା ଦିବସର ମହତ୍ତ୍ୱ, ମହିଳାଙ୍କ ମହନୀୟତା ପରିବାର ଓ ରାଷ୍ଟ୍ର ଗଠନରେ ସେମାନଙ୍କ ସହଭାଗୀତା ସହ ସେମାନେ ଅଧିକ ଦକ୍ଷ ସଶକ୍ତ ହେଲେ ରାଷ୍ଟ୍ରର ସର୍ବାଙ୍ଗୀଣ ମଙ୍ଗଳ କିପରି ହୋଇପାରିବ। ସେ ବିଷୟରେ ଅତିଥି ଆଲୋଚକ ଭାବେ ରସୁଲପୁର ବ୍ଲକ ବିଡିଓ ସତ୍ୟାନନ୍ଦ ଦାସ, ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ଼ ରୁଦ୍ରନାରାୟଣ ପୃଷ୍ଟି, ଉପାଧ୍ୟକ୍ଷା ଜୟନ୍ତୀ ଦାଶ, ସରୋଜିନୀ ମହାନ୍ତି ପିଏଚ୍ଇଓ ମଧୁବନ, ବନ୍ଦିତା କର ଡବ୍ଲୁଇଓ, ରସୁଲପୁର କ୍ରିଷ୍ଣା କାଜଲ ଜେନା ସିଏଚ୍ଓ ସାମନ୍ତରାପୁର ପ୍ରମୁଖ ବିସ୍ତୃତ ଆଲୋଚନା କରିବା ସହ ମହିଳାଙ୍କ ସହ ସଂପୃକ୍ତ କେତେଗୋଟି ଆଇନ୍‌ର ସଦୁପୋଯୋଗ ସମ୍ବନ୍ଧରେ ଚର୍ଚ୍ଚା କରାଯାଇଥିଲା । ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶେଷରେ ସ୍ଥାନୀୟ ସରପଞ୍ଚ ଅନେଶା କସର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷାକର୍ମୀ ଓ ପ୍ରାଧିକରଣର କର୍ମଚାରୀ ମାନେ ସହଯୋଗ କରିଥିଲେ।

# ବାଲେଶ୍ୱର ଜିଲ୍ଲାରେ 'ସୁଭଦ୍ରା'ର ଦ୍ୱିତୀୟ କିସ୍ତି ପାଇଲେ ୫,୮୪,୩୧୦ ହିତାଧିକାରୀ

ବାଲେଶ୍ୱର, ନ୍ୟୁଜ୍



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଂଜାମ ଜିଲ୍ଲାର ବ୍ରହ୍ମପୁର ସହରର ଆମ୍ବପୁଆ ଠାରେ ରାଜ୍ୟର ୧ କୋଟି ୬୪ ହଜାର ମହିଳାଙ୍କୁ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି । ଏହି ଅବସରରେରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସର ଠାରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡା ଏବଂ ଯୁବସେବା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କହିଥିଲେ ଯେ ସୁଭଦ୍ରା ଯୋଜନା ଆଜି ଏକ ବିପ୍ଳବରେ ପରିଣତ ହୋଇଛି। ଏହି ଯୋଜନା ଦ୍ୱାରା କିଶୋରୀମାନଙ୍କ ଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୟସର ମହିଳାମାନେ ସଶକ୍ତ ଏବଂ ସମୃଦ୍ଧ ହୋଇପାରିବାର ବ୍ୟବସ୍ଥା କରାଯାଉଛି । ଏହା ରାଜ୍ୟର ପ୍ରତ୍ୟେକ ସୁଭଦ୍ରାଙ୍କ ମନରେ ଏକ ନୂତନ ଆଶା ଓ ବିଶ୍ୱାସର ସଂଚାର କରିପାରିଛି । ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷ ସବିତା ସାହୁ ଓ ସଦର ବ୍ଲକ ଅଧ୍ୟକ୍ଷା ସୁନିତା ବେହେରା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗତ ୯ ମାସ ମଧ୍ୟରେ ଓଡ଼ିଶା ସରକାର ତଥା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାଲେଶ୍ୱର ଜିଲ୍ଲାରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ କହିବା ସହ ସମସ୍ତେ ସୁଭଦ୍ରା ଯୋଜନାରେ ପାଇଥିବା ଟଙ୍କାକୁ ସଦୁପଯୋଗ କରି ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଭାଗୀଦାରୀ ହେବା ପାଇଁ ଉତ୍ସାହିତ କରିଥିଲେ । ସୂଚନାଯୋଗ୍ୟକି, ବାଲେଶ୍ୱର ଜିଲ୍ଲାରୁ ସର୍ବମୋଟ୍ ୫ ଲକ୍ଷ ୮୪ ହଜାର ୩୧୦ ଜଣ ହିତାଧିକାରୀ ଦ୍ୱିତୀୟ କିସ୍ତିର ଟଙ୍କା ନିଜ ବ୍ୟାଙ୍କ ଖାତାରେ ପାଇଛନ୍ତି । ସମସ୍ତେ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ କାର୍ଯ୍ୟକ୍ରମ ଦେଖିବା ସହ ଜିଲ୍ଲା ମହିଳା ଏବଂ ଶିଶୁ ବିକାଶ ବିଭାଗରେ କାର୍ଯ୍ୟରତ ନିଷ୍ଠାପର କର୍ମଚାରୀଙ୍କୁ ସମ୍ମାନିତ କରିଯାଇଥିଲା । ଏତଦ୍‌ବ୍ୟତୀତ ୫୧ତମ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାର ଛାତ୍ରଛାତ୍ରୀ ଏବଂ ଅଙ୍ଗନବାଡି କର୍ମୀ ଓ ହେଲ୍‌ପର ମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଓ କର୍ମୀଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଡିଏସ୍‌ଡବ୍ଲୁଓ ଗୌରୀ ନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୨୯ରେ ଖେମୁଣ୍ଡି ଓକିଲ ସଂଘ ନିର୍ବାଚନ

ଦିଗପହଣ୍ଡି, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ବିଭିନ୍ନ ପଦବୀ ନିମନ୍ତେ ଆସନ୍ତା ୨୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ରାଜ୍ୟ ଆଇନଜୀବୀ ପରିଷଦର ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ହେବାକୁଥିବା ଏହି ନିର୍ବାଚନରେ ସଭାପତି ପଦବୀ ନିମନ୍ତେ ଡଃ ଗଜାନନ ତ୍ରିପାଠୀ ନାମାଙ୍କନ ଦାଖଲ୍ କରିଛନ୍ତି । ନାମାଙ୍କନ ସମୟରେ ଆଇନଜୀବୀ ରସାନନ୍ଦ ରାଉତ, କିଶୋର ଗୌଡ, ସନ୍ତୋଷ ସାହୁ, ନିଳମାଧବ ରଥ ପ୍ରମୁଖ ଉପସ୍ଥିତ ଥିଲେ । ବୁଧବାର ଠାରୁ ଶୁକ୍ରବାର ଅପରାହ୍ନ ୩ ଯାଏ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିପାରିବେ । ରବିବାର ପ୍ରାର୍ଥୀପତ୍ର ଯାଞ୍ଚ କରାଯିବା ସହ ସୋମବାର ବିଭିନ୍ନ ପଦବୀ ନିମନ୍ତେ ଯୋଗ୍ୟ ପ୍ରାର୍ଥୀ ତାଲିକା ପ୍ରକାଶନ କରାଯିବ ବୁଧବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ସମୟ ନିର୍ଘଣ୍ଟ ସରିବା ପରେ ଗୁରୁବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ କରାଯିବ । ଚଳିତ ମାସ ୨୯ ତାରିଖ ପୂର୍ବାହ୍ନ ସାଢ଼େ ୭ଟାରୁ ଅପରାହ୍ନ ୩ ଯାଏ ସଂଘର ସଦସ୍ୟ ବୃନ୍ଦ ମତଦାନ କରିବେ । ପରେ ମତଗଣନା କାର୍ଯ୍ୟକ୍ରମ ସରିବା ପରେ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ଚନ୍ଦ୍ର ଧ୍ୱଜ ସିଂହ ଜଣାଇଛନ୍ତି ।

# କୃଷି ଉତ୍ପାଦନ ବୃଦ୍ଧି ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରୟାସ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝରର ସଦର ମହକୁମା ସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ପାଞ୍ଚଦିନ ଧରି ଚାଲିଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ ଚନ୍ଦ୍ର ମହାନ୍ତି ଯୋଗଦେଇ କେନ୍ଦୁଝର ଜିଲ୍ଲାରେ ପ୍ରଥମ ଥର ପାଇଁ ଆୟୋଜିତ ହେଇଥିବା ଆଞ୍ଚଳିକ କୃଷିଯନ୍ତ୍ରପାତି ମେଳା ନିମନ୍ତେ କୃଷି ବିଭାଗକୁ ଧନ୍ୟବାଦ ଦେଇଥିଲେ ଓ ମେଳାରେ ପ୍ରଦର୍ଶିତ କୃଷିଯନ୍ତ୍ରପାତି ବିଷୟରେ ତଥ୍ୟ ହାସଲକରି କୃଷକ ଭାଇଭଉଣୀ ମାନେ ଲାଭାନ୍ୱିତ ହେବେ ବୋଲି ମତ ରଖିଥିଲେ । ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରା ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟ ଅତିଥିଭାବେ ଯୋଗ ଦେଇଥିବା ଜିଲ୍ଲା ମତ୍ସ୍ୟ ଅଧିକାରୀ, କେନ୍ଦୁଝରେ ଦେବବ୍ରତ ସାମଲ ମତ୍ସ୍ୟ ଚାଷକୌଶଳ ଓ ବିଭାଗ ତରଫରୁ ଥିବା ସୁବିଧା ସୁଯୋଗ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ସୁକାନ୍ତ କୁମାର ସାହୁ ଉନ୍ନତ କୌଶଳ ପ୍ରୟୋଗରେ ଫସଲ ଚାଷ ବିଷୟରେ ବକ୍ତବ୍ୟ ରଖିଥିଲେ । କୃଷି ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କୃଷିଶ୍ରମିକ ସମସ୍ୟା ସମାଧାନ ହୋଇପାରିବ ବୋଲି ନିର୍ବାହୀ କୃଷିଯନ୍ତ୍ରୀ ଇଂ ସମର ବିଶ୍ୱାଳ କହିଥିଲେ । ସଭାରେ ମୁଖ୍ୟ ଅତିଥି, ପ୍ରଦର୍ଶନ ମଣ୍ଡପ ମଧ୍ୟରୁ ସରକାରୀ ବିଭାଗ କ୍ଷେତ୍ରରେ ଓଡ଼ିଶା କୃଷି ଶିଳ୍ପ ନିଗମ ଲିଃ କେନ୍ଦୁଝର, ବେସରକାରୀ କ୍ଷେତ୍ରରେ ନମୋ କିସାନ୍ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ କ୍ଷେତ୍ରରେ ହରିଚନ୍ଦନପୁର ବ୍ଲକର ସୂର୍ଯ୍ୟୋଦୟ ଗୋଷ୍ଠୀକୁ ମାନପତ୍ର ଓ ଉପହାର ଦେଇ ସମ୍ମାନିତ କରିଥିଲେ । ମେଳାରେ ଶହେ କୋଡିଏଟି ପ୍ରଦର୍ଶନ ମଣ୍ଡପ ମାଧ୍ୟମରେ କୃଷି ଯନ୍ତ୍ରପାତି ବିକ୍ରେତା, ବିଭିନ୍ନ ବିଭାଗ, ସ୍ୱୟଂ ସହାୟକ ଗୋଷ୍ଠୀ, ସହଯୋଗୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ଦ୍ୱାରା ନିଜ ଅନୁଷ୍ଠାନର କାର୍ଯ୍ୟକ୍ରମ ପ୍ରଦର୍ଶନ; ଛଅ ଗୋଟି କୃଷକ ପାଠଶାଳା ମାଧ୍ୟମରେ ବିଭିନ୍ନ ବ୍ଲକରୁ ମନୋନୀତ ହୋଇଆସିଥିବା ଛଅ ଶହ କୃଷକଙ୍କୁ ତାଲିମ୍ ସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଓ ଏହିସବୁ କାର୍ଯ୍ୟକ୍ରମକୁ କେନ୍ଦୁଝର ବ୍ୟତୀତ ମୟୂରଭଞ୍ଜ, ସୁନ୍ଦରଗଡ଼, ଅନୁଗୁଳ ପ୍ରଭୃତି ଜିଲ୍ଲାର ସାହସ୍ରାଧିକ ବ୍ୟକ୍ତି ଉପଭୋଗ କରିଥିବାର ତଥ୍ୟ କୃଷିଜିଲ୍ଲା ଅଧିକାରୀ, କେନ୍ଦୁଝରର ବିଶ୍ୱଜୟୀ ମିଶ୍ର ପ୍ରଦାନ କରିଥିଲେ ଓ ସମସ୍ତ ଅଂଶୀଦାର ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁଭଦ୍ରା ଯୋଜନା ଉପରେ ଜନ ସଚେତନତା ସୃଷ୍ଟି ପାଇଁ ୱାର୍ଡ ପରିକ୍ରମା

ଯୋଡ଼ା, ନ୍ୟୁଜ୍ ବ୍ୟୁରୋ



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ଓ ମହିଳା ସଶକ୍ତି କାରଣକୁ ନେଇ କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରାଞ୍ଚଳର ୧୦ ନଂ ୱାର୍ଡ ଜିଓଲୋଜିକାଲ୍ କ୍ୟାମ୍ପ ଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଯୋଡ଼ା ସହରାଞ୍ଚଳ ମହିଳା ଶିଶୁ ବିକାଶ ଯୋଜନା ପକ୍ଷରୁ ଶତାଧିକ ମହିଳା, ଅଙ୍ଗନବାଡି ଦିଦି, ସହାୟିକା ହାତରେ ପ୍ଲା କାର୍ଡ ଧରି ମହିଳା ଓ କିଶୋରୀ ବାଳିକା ମାନଙ୍କୁ ସୁରକ୍ଷା ଦେବା ଓ ସେମାନଙ୍କୁ ସଶକ୍ତି କରିବା ସୁଭଦ୍ରା ଯୋଜନା ଉପରେ ଜନସଚେତନ ସୃଷ୍ଟି କରିବା ପାଇଁ ୱାର୍ଡ ପରିକ୍ରମା କରିଥିଲେ। ପରେ ୧୦ନଂ ୱାର୍ଡ ସ୍ଥିତ ପରିଚୟ ଗୃହରେ ଏକ ସଭା ଆୟୋଜନ କରାଯାଇଥିଲା । ଆୟୋଜିତ ସଭାରେ ମହିଳା ଶିଶୁ ବିକାଶ ଅଧିକାରିଣୀ ମାନସୀ ବେହେରା ସଭାପତିତ୍ୱ କରିଥିବାବେଳେ ୧୦ ନଂ ୱାର୍ଡର ଅଙ୍ଗନୱାଡ଼ି କର୍ମୀ ଲକ୍ଷ୍ମୀ ପତ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପ୍ରଥମେ ସଭାପତି ଶ୍ରୀମତୀ ବେହେରା ଦୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅଙ୍ଗନୱାଡ଼ି କର୍ମୀ ମାଳତୀ ପ୍ରଧାନ, ସୁକାନ୍ତି ମହାନ୍ତ ଓ ପଦ୍ମିନୀ ପାତ୍ର ବିଭିନ୍ନ ପରିବାରରେ ସଂଘଠିତ ହେଉଥିବା ଘରୋଇ ହିଂସା ବନ୍ଦ କରିବା, କିପରି ମହିଳାମାନେ ସଶକ୍ତ ହୋଇ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟାଇ ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ସେଥିପାଇଁ ବିସ୍ତୃତ ଆଲୋଚନା କରିଥିବା ବେଳେ ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀମାନେ ସୁଭଦ୍ରା ଯୋଜନା, ମହିଳା ସଶକ୍ତି କାରଣ, ବାଲ୍ୟ ବିବାହ ବର୍ଜନ, ବାଳିକା ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ, ଏସ୍ଏଚ୍‌ଜି ମହିଳା ମାନଙ୍କ ମଧ୍ୟରେ ବିଭିନ୍ନ ଉଦ୍ୟୋଗର ବିକାଶ, କିଶୋରୀ ବାଳିକା ମାନଙ୍କୁ ହେଉଥିବା ଅତ୍ୟାଚାର ସମ୍ପୂର୍ଣ୍ଣ ବନ୍ଦ କାରିବାକୁ ନିଷ୍ପତି ନେବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶ୍ରୀମତୀ ବେହେରା ସୁଭଦ୍ରା ଯୋଜନାରେ ରାଜ୍ୟ ସରକାରଙ୍କ ସମସ୍ତ ନିୟମାବଳୀ ପାଳନ ପୂର୍ବକ ୨୧ ବର୍ଷରୁ ୬୦ ବର୍ଷର ଯୋଗ୍ୟ ହିତାଧିକାରୀ ମହିଳାମାନଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସେଥିରେ ସରକାରୀ ଚାକିରୀ ଭିନ୍ନ ମାସିକ ୧୫୦୦୦ରୁ କମ୍ ବେତନ ଭୋଗୀଙ୍କୁ ଯୋଜନାରେ ଗ୍ରହଣ କରବା ପାଇଁ କହିଥିବା ବେଳେ ମହିଳା ଓ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିକୁ ବିଶେଷ ଧାନ ଦେଇ ସେମାନଙ୍କର ସୁଖଦ ଜୀବନ ଯାପନ କିପରି ହେବ ସେଥିପାଇଁ ଉପସ୍ଥିତ ସମସ୍ତ କର୍ମୀ ଓ ସହାୟିକା ମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଉପସ୍ଥିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ପାଟମଣି ମହାନ୍ତ, ସୁଭଦ୍ରା ଯୋଜନାର ସଂଯୋଜକ କୌଶଲ୍ୟା ମହାନ୍ତ ଓ ଶୁଭସ୍ମିତା ମହାନ୍ତ, ଅଙ୍ଗନୱାଡ଼ି କର୍ମୀ ଲଳିତା ନାଏକ, ଚୂଡ଼ାମଣି ନାଏକ, ସାବିତ୍ରୀ ସିଂହ, ପ୍ରମିଳା ପାତ୍ର, ପାର୍ବତୀ ରାଉ୍ରାଙ୍ଗ, ବୀଣାପାଣି ଗୋପ, ତୁଳସୀ ମୁଣ୍ଡା ଚନ୍ଦ୍ରମଣି ପାତ୍ର, ମାଧବୀ ପାତ୍ର, ବାସନ୍ତୀ ସାହୁ ସଂଗୀତା ନାଏକ ସମେତ ଏସ୍ଏଚ୍‌ଜି ମହିଳା ଓ ସ୍ଥାନୀୟ ଶତାଧିକ ମା' ଉପସ୍ଥିତ ଥିଲେ।

# ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଅଧିକାରୀଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ




ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ଅଧିକାରୀଙ୍କୁ ନେଇ ଜିଲ୍ଲା ସ୍ତରୀୟ ଅରିଏଣ୍ଟେସନ୍ କର୍ମଶାଳା ଜିଲ୍ଲା ଜରୁରୀ ଶାଖା ତରଫରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧିକାରୀମାନେ ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ କିପରି ଭାବରେ ନିଜ ବିଭାଗକୁ ପ୍ରସ୍ତୁତ ରଖିବେ ସେଥିପାଇଁ ଅନୁଷ୍ଠିତ କର୍ମଶାଳାରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲ୍ଲା ଜରୁରୀ ଶାଖା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜରୁରୀ ଶାଖା ଅଧିକାରୀ କୃଷ୍ଣ ମୋହନ ସିଂହ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଡା. ସରୋଜ କୁମାର ମେହେର, ଡା. ମନୋରଞ୍ଜନ ପଣ୍ଡା, ଡା. ସବ୍ୟସାଚୀ ସାହୁ ପ୍ରମୁଖ ତାଲିମଦାତା ଭାବେ ଯୋଗଦାନ କରି ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ ବିଭାଗ ତଥା ଅଧିକାରୀଙ୍କ ଦାୟିତ୍ୱ, ପ୍ରାକ୍ ପ୍ରସ୍ତୁତି, ପରିଚାଳନା ସହ ଜରୁରୀ ଚିକିତ୍ସା ପରିଚାଳନା ଉପରେ ଆବଶ୍ୟକ ତାଲିମ୍ ପ୍ରଦାନ କରିଥିଲେ। ଜିଲ୍ଲା ଜରୁରୀ ଶାଖା ଡି ପି ଓ ବିଶ୍ୱନାଥ ନାୟକ ଗ୍ରୀଷ୍ମପ୍ରବାହର କାରଣ ନିରାକରଣ ତଥା ସଫଳ ଓ ସଠିକ୍ ପରିଚାଳନା ନିମନ୍ତେ ଆବଶ୍ୟକ କାର୍ଯ୍ୟାନ୍ୱୟନର ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ନିଜ ନିଜ ବିଭାଗ ତରଫରୁ ପ୍ରାକ୍ ପ୍ରସ୍ତୁତି ପଦକ୍ଷେପ ଉପରେ ଉପସ୍ଥାପନା କରିଥିବା ବେଳେ ଜିଲ୍ଲା ସ୍ତରୀୟ ଗତ ପ୍ରସ୍ତୁତି ବୈଠକର ଦିଶା ନିର୍ଦ୍ଦେଶ ଅନୁଯାୟୀ ବିଭାଗୀୟ ପ୍ରାକ୍ ପ୍ରସ୍ତୁତି ଯୋଜନା ଖସଡ଼ା ଜିଲ୍ଲା କାର୍ଯ୍ୟାଳୟରେ ତୁରନ୍ତ ପ୍ରଦାନ କରିବାକୁ ଜିଲ୍ଲା ଜରୁରୀ ଶାଖା ତରଫରୁ କୁହାଯାଇଥିଲା । ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର ପ୍ରମୁଖ ଅଧିକାରୀଙ୍କ ସହ ବିଭାଗୀୟ ପ୍ରସ୍ତୁତି ଓ ପଦକ୍ଷେପ ଉପରେ ପଚାରି ବୁଝିଥିଲେ। କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟାରୁପା ରଥ ସମେତ କାର୍ଯ୍ୟନିର୍ବାହୀ ବିଭାଗର ଅଧିକାରୀ ବୃନ୍ଦ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ୍‌ଦାର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

# ପାରମ୍ପରିକ ମତ୍ସ୍ୟଜୀବୀ ଜୀବନ ଜୀବିକା ସୁରକ୍ଷା ନେଇ ଆଇନ୍ ମନ୍ତ୍ରୀଙ୍କୁ ଦାବିପତ୍ର

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ ବୁଦ୍ଧିଜୀବୀ ସମ୍ମିଳନୀ ବଜେଟ୍ ଆଲୋଚନା ବେଳେ ଗଞ୍ଜାମ ଜିଲ୍ଲା ମତ୍ସ୍ୟଜୀବୀ ସେଲ୍ ପକ୍ଷରୁ ବିଜେପି ମତ୍ସ୍ୟଜୀବୀ ନେତା ଭୀମସେନ୍ ବେହେରାଙ୍କ ଆନୁକୂଲ୍ୟରେ ଚିଲିକା ପାରମ୍ପାରିକ ଜିଲ୍ଲା ସଂଗଠନ ନେତୃତ୍ୱ ମଣ୍ଡଳୀ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ବିପନ୍ନ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଚିଲିକା ପାରମ୍ପାରିକ ମତ୍ସ୍ୟଜୀବୀ ପ୍ରଣାଳୀ ଓ ମତ୍ସ୍ୟ ଚାଷୀ ସମାନ ନୁହନ୍ତି। ଯେଉଁ ମାନଙ୍କର ଶହ ଶହ ଏକର ଚାଷ ଜମିକୁ ବ୍ୟକ୍ତିଗତ ବା ଗୋଷ୍ଠି ଦ୍ୱାରା ମାଛ ଚାଷ ପ୍ରଣାଳୀ କରିଥାଏ। କିନ୍ତୁ ପାରମ୍ପାରିକ ମତ୍ସ୍ୟଜୀବୀ କେଉଁ ଆବହମାନ କାଳରୁ କୌଳିକ ବୃତ୍ତି ଅନୁସାରେ ବିଭିନ୍ନ ମାଛ ମାରିବା ସରଞ୍ଜାମ ବ୍ୟବହାର କରୁଥାଏ। କାରଣ ଶତକଡ଼ା ୯୦ ଭାଗ ଲୋକ ଜମି ହୀନ ଅଟନ୍ତି। ତାଙ୍କର ଚିଲିକାରେ ଏକକ ଅଧିକାର ସାବ୍ୟସ୍ତ ହୋଇଛି। ତେଣୁ ସରକାରଙ୍କ ମତ୍ସ୍ୟ ସମ୍ପଦ ଯୋଜନା ଗୁଡିକ ଅଲଗା ହେବା ନିହାତି ଜରୁରୀ। ଓ ପୋର୍ଟାଲଟି ଅଲଗା ଅଲଗା ଆବଶ୍ୟକ ବୋଲି ମନ୍ତ୍ରୀଙ୍କୁ ଦାବି ଉପସ୍ଥାପନା କରିଥିଲେ। ସେଇଭଳି ପାଲୁରୁ ସାହେବ୍ କେନାଲ୍‌କୁ ଖୋଳି ଓସାର କରିବା ସହିତ ପଙ୍କ ଉଦ୍ଧାରକଲେ ମାଛ ସଂଖ୍ୟା ବୃଦ୍ଧି ପାଇବ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ ଓ ଛୋଟ ମସୁରୀ ଜାଲ ପ୍ରଚଳନ ବନ୍ଦ କରିବା । ଏତଦ୍ ବ୍ୟତୀତ ମାଟି ଘେରି ବନ୍ଧ ନିର୍ମାଣ ଉଚ୍ଛେଦ, ଝରଜାଣ, କଡକୁଣି, ପୋଡାଖିଆ, ଗରଦା ଗୋପାଳ, ଚିନମାଳି ପ୍ରମୁଖ ପ୍ରାୟ ୫୦୦୦ ଏକର ମତ୍ସ୍ୟ ସୈରାଟ ସୁରକ୍ଷା, ୨୦୧୮ ମସିହା ଠାରୁ ମତ୍ସ୍ୟ ସୈରାଟ ସବ୍ ଲିଜ୍ ବନ୍ଦ ପୁନଃ ପ୍ରଚଳନ କରିବା ଦ୍ୱାରା ସରକାରଙ୍କ ରାଜସ୍ୱ କୋଟି କୋଟି ଟଙ୍କା ଲାଭ ହୋଇପାରିବ । ସଂଗଠନର ସଭାପତି, ସମ୍ପାଦକ ଓ ଆବାହକ ନେତୃତ୍ୱ ମଣ୍ଡଳୀ ସେନାପତି ବେହେରା, ରଘୁନାଥ ବେହେରା, ଚିନ୍ତାମଣି ବେହେରା ଓ ମାଗତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଗୁଡ଼ିକ ଲୋକାଭିମୁଖୀ ବଜେଟ୍ ବୋଲି ଭୂୟସୀ ପ୍ରଶଂସା କରିଥିଲେ।

# 'ବିଜୁବାବୁ ହେଉଛନ୍ତି ଝଡ଼ର ଇଗଲ୍'

ରାଉରକେଲା, ନ୍ୟୁଜ୍ ବ୍ୟୁରୋ

ଉତ୍କଳମଣି ଗୋପବନ୍ଧୁ ୱେଲ୍‌ଫେୟାର୍ ଟ୍ରଷ୍ଟ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆଇଡିଏଲ୍ ସମାଜ ମଙ୍ଗଳ କେନ୍ଦ୍ର ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଓ ସାଂସ୍କୃତିକ ମହୋତ୍ସବ-୨୦୨୫ ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ରାଉରକେଲା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ ଯେ ବିଜୁ ବାବୁ ହେଉଛନ୍ତି ଝଡ଼ର ଇଗଲ୍ । ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ପଞ୍ଚାୟତରାଜ ବ୍ୟବସ୍ଥାକୁ ତୃଣମୂଳ ସ୍ତରରେ ସୁଦୃଢ଼ କରାଇବା ପାଇଁ ଓଡ଼ିଶାରେ ପଞ୍ଚାୟତରାଜ୍ ଆଇନ୍ ୧୯୯୨ ପ୍ରଣୟନ କରିଥଲେ। ଗାଁକୁ କାମ ମାଆଙ୍କୁ ସମ୍ମାନ ନାରା ଦେଇ ମହିଳାମାନଙ୍କ ନିମନ୍ତେ ୩୩ ଭାଗ ସ୍ଥାନ ସଂରକ୍ଷଣ କରି ସାରା ଭାରତ ବର୍ଷରେ ଇତିହାସ ରଚିଥିଲେ ।

# ମହିଳାମାନଙ୍କ ପାଇଁ ୩୩ ଭାଗ ସ୍ଥାନ ସଂରକ୍ଷଣ କରି ଦେଶରେ ଇତିହାସ ରଚିଛନ୍ତି



ତାଙ୍କଭଳି ମହାନ୍ ବ୍ୟକ୍ତିଙ୍କ ଆଦର୍ଶର ଅନୁପ୍ରାଣିତ ହେବାପାଇଁ ଆଜିର ଯୁବ ଛାତ୍ର ସମାଜଙ୍କୁ ଆହ୍ୱାନ୍ ଦେଇଥିଲେ। ରାଉରକେଲା ଇସ୍ପାତ କାରଖାନାର ପ୍ରାକ୍ତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ କର୍ମମୟ ଜୀବନ, ସ୍ୱାଧିନତା ସଂଗ୍ରାମ, ରାଜନୈତିକ ଚିନ୍ତାଧାରା ସର୍ବୋପରି ନବ ଓଡ଼ିଶା ଗଠନରେ ତାଙ୍କର ଭୂମିକା ସଂପର୍କରେ ବିସ୍ତୃତ ଆଲୋଚନା କରିଥଲେ। ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ଓ ଆଇଡିଏଲ୍‌ର ଶିଳ୍ପ ସମ୍ପର୍କ ବିଭାଗର ମୁଖ୍ୟ ରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଜୁବାବୁଙ୍କ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି କହିଲେ ପାରାଦୀପ ବନ୍ଦର, ସୁନାବେଡ଼ା ମିଗ୍ ବିମାନ କାରଖାନା, ରାଉରକେଲା ଇଞ୍ଜିନିୟରିଂ କଲେଜ୍, ହୀରାକୁଦ ନଦୀବନ୍ଧ ନିର୍ମାଣରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ବକ୍ତୃତା, ଖାଦ୍ୟସାମଗ୍ରୀ ପ୍ରସ୍ତୁତି, କୌତୁକ ପୋଷାକ, ଆଧୁନିକ, ସମ୍ବଲପୁରୀ, ଓଡ଼ିଶୀ, ଭଜନ ସଂଗୀତ ସମେତ ୨୧ଟି ବିଭାଗରେ ୮୪ ଜଣଙ୍କୁ ଟ୍ରଫି ପ୍ରମାଣପତ୍ର ସହିତ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ନିର୍ଦ୍ଦେଶକ ମୁରଲୀଧର ଦାଶ, ବିଶ୍ୱନାଥ ପଟ୍ଟନାୟକ, ଗୁରୁ ରବର୍ଟ ହାଇଫିଲ, ଆରତି ଚୌଧୁରୀ, ଝାନୋ ମୁର୍ମୁ, ସୁରଥ ପରିଡା, ସୁନିତା ପରିଡା, ହରିହର ବେହେରା, କୈଳାଶ ଚନ୍ଦ୍ର ମଲ୍ଲିକ, ଭଗବାନ ସହୁ, ଅନ୍ତର୍ଯ୍ୟାମୀ ବେଉରା, ବାଦଲ ପଣ୍ଡା, ଝୁନୁଲତା ସାହୁ, ମିନା ବେହେରା, ସନାତନ ସାହୁ, କାଳନ୍ଦୀ ଚରଣ ମଲ୍ଲିକ, ପଲ୍ଲଭୀ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଜୁ ପଟ୍ଟନାୟକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଟ୍ରଷ୍ଟର ସହ ସମ୍ପାଦିକା ସଚଳା ପଣ୍ଡା ଅତିଥି ମାନଙ୍କୁ ପରିଚୟ ପ୍ରଦାନ କରିଥିବା ବେଳେ, ଆରତୀ ଚୌଧୁରୀ ମଞ୍ଚ ସଂଯୋଜନା, ବର୍ଷାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସମାଜସେବୀ, ଶିକ୍ଷାବିତ୍, ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ବିଶିଷ୍ଟ କଳାକାରମାନେ ଯୋଗଦେଇଥିଲେ।

# ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାମାନଙ୍କୁ ପୁରସ୍କୃତ କଲା ଏନ୍ଏସି ପ୍ରଶାସନ

ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ

ଏନ୍ଏସି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ମହିଳାମାନଙ୍କୁ ଏନ୍ଏସି ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ସର୍ମିଷ୍ଠା ପ୍ରଧାନ ଯୋଗଦେଇ ଏହି ସମ୍ମାନ ମହିଳାମାନଙ୍କୁ ପ୍ରଦାନ କରିଥିଲେ । ଓପିଟିସିଏଲ୍ ନିକଟରେ ଥିବା ସୁସ୍ଥ ସେଣ୍ଟରକୁ ଶ୍ରେଷ୍ଠ ସୁସ୍ଥ ସେଣ୍ଟର ଭାବେ ସମ୍ମାନିତ କରାଯାଇଥିବା ବେଳେ ଶ୍ରେଷ୍ଠ ସ୍ୱଚ୍ଛସାଥି ଭାବେ ପ୍ରଭାତୀ ଗୌଡ, ଶ୍ରେଷ୍ଠ ପବ୍ଲିକ୍ ଟଏଲେଟ୍ ପାଇଁ ପୁତିଗୋପାଳପୁରର ତପୋଇ ଏସ୍ଏଚ୍‌ଜି, ଶ୍ରେଷ୍ଠ ଏଂଟେନରପର ଭାବେ ସିଦ୍ଧବୀର ଏସ୍ଏଚ୍‌ଜି, ଶ୍ରେଷ୍ଠ ଏସ୍ଏଚ୍‌ଜି ଭାବେ ୧୪ନଂ ୱାର୍ଡର ମା' ଶ୍ୟାମାକାଳୀ ଏସ୍ଏଚ୍‌ଜି, ସଚେତନତା ପାଇଁ ୩ନଂ ୱାର୍ଡର ରୁପାଲି ଏସ୍ଏଚ୍‌ଜିକୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ଏଏଲ୍ଏଫ୍ ଭାବେ ଇନ୍ଦିରା, ଝାନ୍ସିରାଣି, ମାଧୁରି ମିନାକ୍ଷି, ଶିବଶକ୍ତି, ନାରୀନେତ୍ରୀ, ମୀରାବାଇ, ଜୀବନଜ୍ୟୋତି ଓ ସ୍ୱାଭିମାନ ଏଏଲ୍ଏଫ୍‌କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏନ୍ଏସି ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ସମସ୍ତ କାଉନ୍‌ସିଲର୍ ଓ ଏନ୍ଏସି କର୍ମଚାରୀ ଉପସ୍ଥିତ ଥିଲେ ।

# ୧୪୭ ଲିଟର ଦେଶୀମଦ ଜବତ:୫ ଗିରଫ



ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର ଅବକାରୀ ବିଭାଗ ତରଫରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ସାନଚାଞ୍ଚୋ ଓ ନଖରା ଗ୍ରାମରେ ଚଢ଼ଉ କରାଯାଇ ୧୪୭ ଲିଟର ବେଆଇନ୍ ଦେଶୀ ମଦ ଜବତ କରାଯିବା ସହିତ ଏ ସଂକ୍ରାନ୍ତରେ ଜଣେ ମହିଳାଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଆଠଗଡ଼ ଅଞ୍ଚଳର ଆଶୀଷ ମଲ୍ଲିକ, ସୁଶାନ୍ତ ବେହେରା, ଚୌଦ୍ୱାର ନଖରା ପଞ୍ଚାୟତ ଅଞ୍ଚଳର କବିତା ମହାନ୍ତି, ବରପଦାର ବିଜୟ ମଲ୍ଲିକ ଓ ଝୁଲା ପ୍ରଧାନ । ମଦ ଚାଲାଣରେ ବ୍ୟବହାର କରାଯାଇଥିବା ଏକ ସ୍କୁଟିକୁ ମଧ୍ୟ ଜବତ କରାଯାଇଥିବା ସୂଚନା ମିଳିଛି । ବିଭିନ୍ନ ସ୍ଥାନରେ ବେଆଇନ୍ ମଦ କାରବାର ହେଉଥିବା ଖବରପାଇ କଟକ ଅବକାରୀ ସୁପରିଟେଣ୍ଡେଣ୍ଟ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଚୌଦ୍ୱାର ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ବାପି ସାହୁ, ଆଶୁତୋଷ ଜେନା, ରାମକୃଷ୍ଣ ବିଶ୍ୱାଳ, ଦେବବ୍ରତ ଓଝା, ଲକ୍ଷ୍ମଣ ବେହେରା, ତୃପ୍ତିମୟୀ ପରିଡ଼ାଙ୍କୁ ନେଇ ଗଠିତ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ।

# ଚାମ୍ପିୟନ୍ସ ଟ୍ରଫିର ସର୍ବଶ୍ରେଷ୍ଠ ଖେଳାଳିଙ୍କ ନାଁ ଘୋଷଣା କଲା ଆଇସିସି



ନୂଆଦିଲ୍ଲୀ

ଆଇସିସି ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଶ୍ରେଷ୍ଠ ଦଳ ଘୋଷଣା କରିଛି। ଏହି ଦଳରେ ଦ୍ୱାଦଶ ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ସାମିଲ କରାଯାଇଛି। ମଜାଦାର କଥା ହେଉଛି ଯେ ପାକିସ୍ତାନ, ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଭଳି ବଡ଼ ଦଳଗୁଡ଼ିକର ଜଣେ ବି ଖେଳାଳି ଶ୍ରେଷ୍ଠ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇନାହାଁନ୍ତି। ଚାମ୍ପିୟନ୍ସ ଟ୍ରଫିର ଶ୍ରେଷ୍ଠ ୧୧ ଖେଳାଳିଙ୍କ ମଧ୍ୟରେ ପାଞ୍ଚ ଜଣ ଭାରତୀୟଙ୍କୁ ସାମିଲ କରାଯାଇଛି। ଚାମ୍ପିୟନ୍ସ ଟ୍ରଫିର ଶ୍ରେଷ୍ଠ ପ୍ଲେଇଂ ଏକାଦଶରେ ନ୍ୟୁଜିଲାଣ୍ଡର ଚାରି ଜଣ ଏବଂ ଆଫଗାନିସ୍ତାନର ଦୁଇଜଣ ଖେଳାଳିଙ୍କୁ ମଧ୍ୟ ସାମିଲ କରାଯାଇଛି।

ଚାମ୍ପିୟନ୍ସ ଟ୍ରଫି ୨୦୨୫ର ଶ୍ରେଷ୍ଠ ଦଳରେ ସାମିଲ ହୋଇଥିବା ପାଞ୍ଚ ଜଣ ଭାରତୀୟ ଖେଳାଳିଙ୍କ ନାମ ହେଉଛି ବିରାଟ କୋହଲି, ଶ୍ରେୟସ ଆୟର, କେ.ଏଲ ରାହୁଲ, ମହମ୍ମଦ ଶାମି ଏବଂ ବରୁଣ ଚକ୍ରବର୍ତ୍ତୀ। ଜଣେ ଭାରତୀୟ (ଅକ୍ଷର ପଟେଲ)ଙ୍କୁ ମଧ୍ୟ ଦ୍ୱାଦଶ ଖେଳାଳି ଭାବରେ ସ୍ଥାନ ଦିଆଯାଇଛି। ଏହି ସମଗ୍ର ଟୁର୍ଣ୍ଣାମେଣ୍ଟରେ ବିରାଟ କୋହଲି ୨୧୮ ରନ କରିଛନ୍ତି। ସେହିପରି ଶ୍ରେୟସ ଆୟର ୨୪୩ ରନ କରିଛନ୍ତି। ଏଥିସହ ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ସର୍ବାଧିକ ରନ ସ୍କୋରର ମଧ୍ୟ ଥିଲେ ଆୟର।

ଚାମ୍ପିୟନ୍ସ ଟ୍ରଫିର ଶ୍ରେଷ୍ଠ ପ୍ଲେଇଂ ଏକାଦଶ : ରଚିନ ରବିନ୍ଦ୍ର, ଇବ୍ରାହିମ ଜାଦ୍ରାନ, ବିରାଟ କୋହଲି, ଶ୍ରେୟସ ଆୟର, କେଏଲ ରାହୁଲ (ଉଇକେଟ୍), ଗ୍ଲେନ ଫିଲିପ୍ସ, ଆଜମତୁଲ୍ଲା ଉମରଜାଇ, ମିଚେଲ ସାଣ୍ଟନର (ଅଧିନାୟକ), ମହମ୍ମଦ ଶାମି, ମ୍ୟାଟ ହେନରୀ, ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ (ଦ୍ୱାଦଶ ଖେଳାଳି)।

# ୨୦୨୭ ବିଶ୍ୱ କପ୍ ପ୍ଲାନକୁ ନେଇ ରୋହିତଙ୍କ ବଡ଼ ଘୋଷଣା

ନୂଆଦିଲ୍ଲୀ

ରବିବାର ଭାରତ ଆଇସିସି ଚାମ୍ପିଅନ୍ସ ଟ୍ରଫି ଜିତିବା ମାତ୍ରେ ସମଗ୍ର ଦେଶରେ ଉତ୍ସବ ପାଳନ କରାଯାଇଥିଲା। ଯେମିତି ସାରା ଦେଶରେ ହୋଲି ପୂର୍ବରୁ ଦୀପାବଳି ପାଳନ ଆରମ୍ଭ ହୋଇଗଲା। ଅଧିନାୟକ ରୋହିତ ଶର୍ମା ଏବଂ ବିରାଟ କୋହଲି ଷ୍ଟମ୍ପ ଧରି ଦାଣ୍ଡିଆ ଆରମ୍ଭ କରିଥିଲେ। ରୋହିତ-ବିରାଟଙ୍କ ଉତ୍ସବ ଦେଖି କ୍ରିକେଟ ପ୍ରେମୀଙ୍କ ମନରେ ଏହି ପ୍ରଶ୍ନ ମଧ୍ୟ ଆସିଥିଲା ଯେ ଏହା କ'ଣ ଏହି ଦୁଇଜଣଙ୍କ ପାଇଁ ଶେଷ ଆଇସିସି ଟୁର୍ଣ୍ଣାମେଣ୍ଟ? ଏହି ପ୍ରଶ୍ନଟି ସିଧାସଳଖ ବିରାଟ କୋହଲିଙ୍କୁ ପଚରାଯାଇ ନଥିଲା, କିନ୍ତୁ ରୋହିତ ଶର୍ମାଙ୍କୁ ନିଶ୍ଚିତ ଭାବରେ ୨୦୨୭ ବିଶ୍ୱକପ ପାଇଁ ଯୋଜନା ବିଷୟରେ ପଚରାଯାଇଥିଲା। ଅଧିନାୟକ ରୋହିତ ଏହାର ବିସ୍ତାରିତ ଉତ୍ତର ଦେଇଥିଲେ ଏବଂ ତାଙ୍କ ବକ୍ତବ୍ୟ ଶେଷ କରି କହିଥିଲେ ଯେ ମୁଁ କୌଣସି ସ୍ଥାନକୁ ଯାଉନାହିଁ। ମୁଁ ଏଠାରେ ଅଛି।

ଟି-୨୦ ବିଶ୍ୱକପ ଜିତିବା ପରେ ଭାରତୀୟ ଦଳର ପ୍ରଦର୍ଶନ ବହୁତ ଖରାପ ହୋଇଯାଇଥିଲା। ଏହି କାରଣରୁ ରୋହିତ ଶର୍ମା, ବିରାଟ କୋହଲି ଏବଂ ପ୍ରଶିକ୍ଷକ ଗୌତମ ଗମ୍ଭୀର ସମାଲୋଚକଙ୍କ ଟାର୍ଗେଟରେ ଥିଲେ। ଚାମ୍ପିଅନ୍ସ ଟ୍ରଫିରେ ବିଜୟ ଏହି ତିନି ଜଣଙ୍କୁ ନୂତନ ଜୀବନ ଦେଇଛି। ରବିବାର ରାତିରେ ଟ୍ରଫି ଜିତିବା ପରେ ୩୭ ବର୍ଷୀୟ



ରୋହିତ କହିଥିଲେ, 'ଗତ ତିନୋଟି ଆଇସିସି ଟୁର୍ଣ୍ଣାମେଣ୍ଟରେ ଆମେ କେବଳ ଗୋଟିଏ ମ୍ୟାଚ୍ ହାରିଛୁ।' ଏହା ଏକ ବଡ଼ ସଫଳତା। ଏହା ଦର୍ଶାଉଛି ଯେ ଏହି ଦଳ କେତେ ଭଲ। ଦଳରେ ବହୁତ ଗଭୀରତା ଅଛି ଏବଂ ଖେଳାଳିମାନଙ୍କ ମଧ୍ୟରେ ବହୁତ ଭଲ ବୁଝାମଣା ଅଛି।

ଭାରତୀୟ ଅଧିନାୟକ କହିଛନ୍ତି ଯେ ଦୃଢ଼ ନିଷ୍ଠା ଯୋଗୁଁ ଦଳ ବାହାରୁ ଆସୁଥିବା ଚାପକୁ ମୁକାବିଲା କରିବାରେ ସଫଳ ହୋଇଛି। ସେ କହିଲେ, 'ବାହାରରୁ ବହୁତ ଚାପ ଥିଲା।' ଯଦି ଦଳ ଗୋଟିଏ ମ୍ୟାଚ୍ ହାରିଯାଇଥାନ୍ତା, ତେବେ ଅନେକ ପ୍ରକାରର ଅନୁମାନ ଲଗାଯାଇଥାନ୍ତା। କିନ୍ତୁ ଆମର ଖେଳାଳିମାନେ ଏହାକୁ ଭଲ ଭାବରେ ପରିଚାଳନା କରିଥିଲେ ଏବଂ ଏହାକୁ ଅଣଦେଖା କରି କେବଳ ନିଜ ଖେଳ ଉପରେ ଧ୍ୟାନ ଦେଇଥିଲେ।

ରୋହିତ ଶର୍ମା ତାଙ୍କର ୩୦ ଏବଂ ୪୦ ରନର ସ୍କୋରକୁ ବଡ଼ ଇନିଂସରେ ପରିଣତ କରିପାରି ନଥିଲେ, ଯାହା କାରଣରୁ ତାଙ୍କୁ ବହୁତ ସମାଲୋଚନା କରାଯାଉଥିଲା। ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ୭୬ ରନ କରିବା ପରେ ସେ କହିଥିଲେ, 'ଭାରତର ପ୍ରତିନିଧିତ୍ୱ କରିବା କୌଣସି ମଜାକଥା ନୁହେଁ।' ସମସ୍ତେ ଅତ୍ୟନ୍ତ ଆନ୍ତରିକତାର ସହିତ ଭାରତକୁ ପ୍ରତିନିଧିତ୍ୱ କରିବାକୁ ଚାହାନ୍ତି। ୨୦୧୯ ବିଶ୍ୱକପରେ ମୁଁ ବହୁତ ରନ କରିଥିଲି, କିନ୍ତୁ ଆମେ ଜିତିପାରିଲୁ ନାହିଁ। ତେଣୁ ଏଥିରୁ ବହୁତ ଖୁସି ମିଳିଲା ନାହିଁ। ବରଂ ଯଦି ତୁମେ ୩୦ କିମ୍ବା ୪୦ ରନ କରି ମ୍ୟାଚ୍ ଜିତିଯାଅ, ତେବେ ତୁମେ ଅଧିକ ସନ୍ତୋଷ ଏବଂ ଖୁସି ପାଇବ।

୨୦୨୭ ବିଶ୍ୱକପ ପାଇଁ ଯୋଜନା ବିଷୟରେ ପଚରାଯିବାରୁ, ରୋହିତ ଶର୍ମା କହିଥିଲେ, 'ଦୁଇ ବର୍ଷ ଯଥେଷ୍ଟ ସମୟ।' ମୁଁ ଏତେ ଦୂର ଭାବିବାକୁ ଚାହୁଁନାହିଁ। ମୁଁ ଏବେ କହିବାକୁ ଚାହୁଁନାହିଁ ଯେ ମୁଁ ୨୦୨୭ ବିଶ୍ୱକପ ଖେଳିବାକୁ ଚାହୁଁଛି କି ନାହିଁ। ବରଂ ମୁଁ ବର୍ତ୍ତମାନରେ ରହି ଖେଳକୁ ଉପଭୋଗ କରିବାକୁ ଚାହୁଁଛି। ସେଥିପାଇଁ ଏବେ କେହି ଏହା ବିଷୟରେ ଅନୁମାନ କରିବାକୁ ଚାହୁଁନାହାନ୍ତି।

# ଆଇପିଏଲ ଚୁକ୍ତିରୁ ଓହରିବାରୁ ଦୁଇ ବର୍ଷ ପାଇଁ ବାସନ୍ଦ ହେଲେ ହ୍ୟାରୀ ବ୍ରୁକ




ଲଣ୍ଡନ

ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବାକୁ ଥିବା ଆଇପିଏଲ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ସହ ହୋଇଥିବା ଚୁକ୍ତିରୁ ଇଂଲଣ୍ଡ ବ୍ୟାଟର ହ୍ୟାରୀ ବ୍ରୁକ ଓହରି ଯାଇଛନ୍ତି। ଏଥିଯୋଗୁ ତାଙ୍କୁ ଆଇପିଏଲରୁ ଦୁଇ ବର୍ଷ ଲାଗି ବାସନ୍ଦ କରାଯାଇଛି। ଲଗାତର ଦ୍ୱିତୀୟ ସିଜନ ଲାଗି ନିଜକୁ ଅନୁପଲବ୍ଧ କରିଥିବା ବ୍ରୁକ ଦିଲ୍ଲୀ ଫ୍ରାଞ୍ଚାଇଜି ଓ ଏହାର ସମର୍ଥକଙ୍କଠାରୁ କ୍ଷମା ପ୍ରାର୍ଥନା କରିଛନ୍ତି।

ଆଗାମୀ ଆଇପିଏଲରୁ ଓହରିବାକୁ କଷ୍ଟକର ନିଷ୍ପତ୍ତି ନେଇଛି। ଏଥିଲାଗି ମୁଁ ଦିଲ୍ଲୀ କ୍ୟାପିଟାଲ୍ସ ଓ ଏହାର ସମର୍ଥକଙ୍କଠାରୁ କ୍ଷମାପ୍ରାର୍ଥନା କରୁଛି। ଏହା ଇଂଲଣ୍ଡ କ୍ରିକେଟ ଲାଗି ଖୁବ୍ ଗୁରୁତ୍ୱପୂର୍ଣ୍ଣ ସମୟ। ଆଗାମୀ ସିରିଜ ପାଇଁ ପ୍ରସ୍ତୁତିରେ ମୁଁ ସମୟ ଦେବାକୁ ଚାହୁଁଛି। ମୋତେ ମୋ କ୍ୟାରିୟରର ସବୁଠୁ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଲାଗି ନିଜକୁ ରିଚାର୍ଜ କରିବା ଦରକାର।

ମୁଁ ଜାଣିଛି, ଏହାକୁ ସମସ୍ତେ ବୁଝି ପାରିବେ ନାହିଁ ଏବଂ ମୁଁ ଏହା ଆଶା ବି କରୁ ନାହିଁ। କିନ୍ତୁ ଯାହା ଉଚିତ ବୋଲି ମୁଁ ବିଶ୍ୱାସ କରେ, ମୋତେ ତାହା କରିବାକୁ ପଡ଼ିବ। ମୁଁ ଦେଶ ପାଇଁ ଖେଳିବାକୁ ପ୍ରାଥମିକତା ଦଉଛି ବୋଲି ବ୍ରୁକ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

ଇଂଲଣ୍ଡ ଆସନ୍ତା ଜୁନରେ ଭାରତ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ଏହାପରେ ନଭେମ୍ବରରେ ଆସେସ୍ ଆରମ୍ଭ ହେବ। ଗତ ବର୍ଷ ବ୍ରୁକ ତାଙ୍କ ଜେଜେମାଙ୍କ ମୃତ୍ୟୁ ଯୋଗୁ ଆଇପିଏଲରୁ ଓହରି ଯାଇଥିଲେ। ଆଇପିଏଲ ନିୟମ ଅନୁଯାୟୀ, ଅକ୍ସନରେ ବିକ୍ରି ହେବା ପରେ ଆହତ ସମସ୍ୟା ବ୍ୟତୀତ ଅନ୍ୟ ଯେକୌଣସି କାରଣରୁ ସିଜନ ଲାଗି ଅନୁପଲବ୍ଧ ରହିଲେ ବିଦେଶୀ ଖେଳାଳିଙ୍କୁ ୨ ବର୍ଷ ଲାଗି ବାସନ୍ଦ କରାଯିବ।

# ଚାମ୍ପିୟନ୍ସ ଟ୍ରଫିର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଲେନି ପାକିସ୍ତାନ କ୍ରିକେଟ ବୋର୍ଡର କୌଣସି ସଦସ୍ୟ

ନୂଆଦିଲ୍ଲୀ

ଫେବୃୟାରୀ ୧୯ରୁ ଆରମ୍ଭ ହୋଇଥିବା ଚାମ୍ପିୟନ୍ସ ଟ୍ରଫି ୨୦୨୫ ମାର୍ଚ୍ଚ ୯ରେ ଶେଷ ହୋଇଛି। ଦୁବାଇରେ ଖେଳାଯାଉଥିବା ଫାଇନାଲରେ ଭାରତୀୟ ଟିମ୍ ୪ ୱିକେଟରେ ନ୍ୟୁଜିଲାଣ୍ଡକୁ ହରାଇ ବିଜୟ ମୁକୁଟ ପିନ୍ଧିଛି। ଚଳିତ ଚାମ୍ପିୟନ୍ସ ଟ୍ରଫିର ଆୟୋଜକ ଥିଲା ପାକିସ୍ତାନ। କିନ୍ତୁ ରାଜନୀତିକ ବିବାଦ କାରଣରୁ ଭାରତ ତା'ର ମ୍ୟାଚ୍‌ଗୁଡ଼ିକ ପୂର୍ବ ବୁଝାମଣା ଅନୁସାରେ ଦୁବାଇରେ ଖେଳିଥିଲା। ଭାରତ ଫାଇନାଲ ଯାଇଥିବାରୁ ଦୁବାଇରେ ହିଁ ଟ୍ରଫି ଟକ୍କର ହୋଇଥିଲା। ହେଲେ ପୁରସ୍କାର ବିତରଣ ବା ଚାମ୍ପିୟନ୍ସ ଟ୍ରଫିର ଉଦ୍‌ଯାପନୀ ଉତ୍ସବରେ ପାକିସ୍ତାନ କ୍ରିକେଟ ବୋର୍ଡର କୌଣସି ସଦସ୍ୟ ଷ୍ଟେଜ୍‌ରେ ଉପସ୍ଥିତ ନ ରହିବା ସମସ୍ତଙ୍କୁ ଚକିତ କରିଛି।

ଆଇସିସି ଅଧ୍ୟକ୍ଷ ଜୟ ଶାହ ଚାମ୍ପିୟନ୍ସ ଟ୍ରଫି ଭାରତର ଅଧିନାୟକଙ୍କୁ ଦେଇଥିଲେ। ସେହିପରି ବିସିସିଆଇ ସଭାପତି ରୋଜର ବିନ୍ନି ଚାମ୍ପିୟନ୍ସ ଟ୍ରଫିର ସ୍ୱତନ୍ତ୍ର ଜ୍ୟାକେଟ୍ ଖେଳାଳିଙ୍କୁ ପିନ୍ଧାଇଥିଲେ। ନ୍ୟୁଜିଲାଣ୍ଡ କ୍ରିକେଟର ନିର୍ଦ୍ଦେଶକ ରୋଜର ଟୁସେ ଓ ବିସିସିଆଇ ସମ୍ପାଦକ ଦେବଜିତି ସାଇକା ଅନ୍ୟାନ୍ୟ ମେଡାଲ ଓ ଲୋଗୋ ଷ୍ଟେଜ୍‌ରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଦେଇଥିଲେ।

ପାକିସ୍ତାନ ଆୟୋଜନ ଦେଶ ହୋଇଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଏହାର କୌଣସି ପ୍ରତିନିଧି ଉପସ୍ଥିତ ନ ରହିବା ବିବାଦ ସୃଷ୍ଟି କରିଛି। ପାକିସ୍ତାନ କ୍ରିକେଟ ବୋର୍ଡର କୌଣସି ସଦସ୍ୟ ଷ୍ଟେଜ ଉପରେ ନଥିବାରୁ ପୂର୍ବତନ କ୍ରିକେଟର ଶୋଏବ ଅଖତର ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। କାହିଁକି ଆୟୋଜନ ରାଷ୍ଟ୍ର ଭାବେ ପାକିସ୍ତାନର କୌଣସି ବୋର୍ଡ ସଦସ୍ୟ ଉଦ୍‌ଯାପନୀ



ଉତ୍ସବରେ ଉପସ୍ଥିତ ନଥିଲେ ବୋଲି ସେ ପ୍ରଶ୍ନ କରିବାରୁ ଆଇସିସି ପକ୍ଷରୁ ଏହାର ଜବାବ ଦିଆଯାଇଛି।

ଆଇସିସି ମୁଖପାତ୍ରଙ୍କ କହିବା କଥା ଯେ ଚାମ୍ପିୟନ୍ସ ଟ୍ରଫି ଫାଇନାଲ ପାଇଁ ପିସିବି ଅଧ୍ୟକ୍ଷ ମୋହସିନ ନକ୍‌ଭୀ ଉପଲବ୍ଧ ନଥିଲେ ଓ ସେ ଦୁବାଇ ଆସି ନଥିଲେ। ବୁଝାମଣା ଅନୁସାରେ କେବଳ ପଦାଧିକାରୀଙ୍କୁ ଟ୍ରଫି ପ୍ରଦାନ ପାଇଁ ଡକାଯାଇଥାଏ। ସମାନ କାମ ପାଇଁ ଦୁବାଇରେ ପିସିବିର କୌଣସି ପଦାଧିକାରୀ ଉପସ୍ଥିତ ନଥିଲେ। ସେମାନେ ହେଉଛନ୍ତି ଚାମ୍ପିୟନ୍ସ ଟ୍ରଫିର ଆୟୋଜକ। ତେଣୁ ସେମାନେ ନିଶ୍ଚିତ ଭାବେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାର ଥିଲା ବୋଲି ଆଇସିସି ମୁଖପାତ୍ର କହିଛନ୍ତି।

ପିସିବିର କୌଣସି ପଦାଧିକାରୀ ଦୁବାଇରେ ଉପସ୍ଥିତ ନଥିବା ଆଇସିସି ମୁଖପାତ୍ର କହୁଥିଲେ ହେଁ ମିଡିଆ ଅଲଗା କିଛି ରିପୋର୍ଟ କରିଛି। ପିଟିଆଇର ରିପୋର୍ଟ ଅନୁସାରେ, ପିସିବିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ସୁମୈର ଅହମଦ ଉଦ୍‌ଯାପନୀ ଉତ୍ସବ ପାଇଁ ଦୁବାଇରେ ଉପସ୍ଥିତ ଥିଲେ। କିନ୍ତୁ ତାଙ୍କୁ ନିମନ୍ତ୍ରଣ କରାଯାଇ ନଥିଲା। ଆଇସିସି ଓ ତାଙ୍କ ମଧ୍ୟରେ ଯୋଗାଯୋଗରେ ତ୍ରୁଟି ରହିଥିଲା। ଏହି କାରଣରୁ ଆଇସିସି ପକ୍ଷରୁ ତାଙ୍କୁ ପୁରସ୍କାର ବିତରଣ ଉତ୍ସବକୁ ନିମନ୍ତ୍ରଣ କରାଯାଇ ପାରି ନଥିଲା। ଧାର୍ଯ୍ୟ ପ୍ରତିଶ୍ରୁତି ଯୋଗୁ ପିସିବି ଅଧ୍ୟକ୍ଷ ମୋହସିନ ଦୁବାଇ ଯାଇ ପାରି ନଥିଲେ। ସେ ପାକିସ୍ତାନରେ ହିଁ ରହିଥିଲେ। ଏଥିପାଇଁ ଉଦ୍‌ଯାପନୀ ଉତ୍ସବକୁ ପିସିବି ଅହମଦଙ୍କୁ ପଠାଇଥିଲା। ତଥାପି ସେ ମଧ୍ୟ ଷ୍ଟେଜ୍ ଉପରକୁ ଯିବାକୁ ନିମନ୍ତ୍ରଣ ପାଇ ନଥିଲେ ବୋଲି ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ କାହିଁକି ସିଇଓଙ୍କୁ ଉଦ୍‌ଯାପନୀ ଉତ୍ସବକୁ ଡକା ଯାଇ ନଥିଲା ବୋଲି ପିସିବି ବିଧିବଦ୍ଧ ଭାବେ ଆଇସିସି ନିକଟରେ ଆପତ୍ତି ଦାଖଲ କରିବ।

ଭାରତ ରବିବାର ଚାମ୍ପିୟନ୍ସ ଟ୍ରଫି ଫାଇନାଲ ଜିତିଛି। କିନ୍ତୁ ମୁଁ କିଛି ଚକିତ କରିବା ଭଳି ଘଟଣା ନୋଟିସ୍ କରିଛି। ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ଆୟୋଜକ ଦେଶ। କିନ୍ତୁ ଟ୍ରଫି ପ୍ରଦାନ ସମୟରେ ପାକିସ୍ତାନ କ୍ରିକେଟ ବୋର୍ଡର କୌଣସି ସଦସ୍ୟ ନଥିଲେ। ଏହା ମୋର ବୁଝିବା କ୍ଷମତାର ବାହାରେ। କାହିଁକି ପ୍ରତିନିଧିତ୍ୱ କରିବା ପାଇଁ ଉପସ୍ଥିତ ନଥିଲେ ଓ ଟ୍ରଫି ଦେଲେ ନାହିଁ? ଦୟା କରି ଏହା ଉପରେ ବିଚାର କରନ୍ତୁ। ଏହା ଗୋଟିଏ ବିଶ୍ୱସ୍ତରୀୟ ମଞ୍ଚ କିନ୍ତୁ ସେଠାରେ ମୁଁ ପିସିବିରୁ କାହାକୁ ଦେଖି ପାରିଲି ନାହିଁ। ଏହା ଦେଖି ବହୁତ ଦୁଃଖ ଲାଗୁଛି ବୋଲି ଅଖତର କହିଥିଲେ।

# ୬୮ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଉଦ୍‌ଯାପିତ

## ମେଟ୍ରୋ ରେଳୱେ, ଦକ୍ଷିଣ ପୂର୍ବ ମଧ୍ୟ ରେଳୱେ ଓ ପୂର୍ବ ରେଳୱେ, ନକ୍ ଆଉଟ୍‌କୁ ଉତ୍ତୀର୍ଣ୍ଣ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଇଷ୍ଟକୋଷ୍ଟ ରେଳୱେ ସ୍ପୋର୍ଟସ ଆସୋସିଏସନ, ଖୋର୍ଦ୍ଧା ରୋଡ୍ ଦ୍ୱାରା ଆୟୋଜିତ ୬୮ତମ ଅଲ ଇଣ୍ଡିଆ ରେଳୱେ ଟି-୨୦ ପୁରୁଷ କ୍ରିକେଟ୍ ଚାମ୍ପିୟନସିପ (ଏଲିଟ୍ ପୁଲ୍-ଏ) ୨୦୨୪-୨୫ ଉଦ୍‌ଯାପିତ ହୋଇ ଯାଇଛି। ମେଟ୍ରୋ ରେଳୱେ, ଦକ୍ଷିଣ ପୂର୍ବ ମଧ୍ୟ ରେଳ ଏବଂ ପୂର୍ବ ରେଳ, ନକ୍‌ଆଉଟ୍ ଫେଜ୍ ପାଇଁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ୦୪.୦୩.୨୦୨୫ରେ ଆରମ୍ଭ ହୋଇଥିଲା।

ଶେଷ ଦିନର ପ୍ରଥମ ମ୍ୟାଚ୍, ପୂର୍ବ ରେଳୱେ ଏବଂ ପଶ୍ଚିମ ମଧ୍ୟ ରେଳୱେ ମଧ୍ୟରେ ଅନୁଷ୍ଠିତ




ହୋଇଥିଲା। ପୂର୍ବ ରେଳୱେ ଏହି ମ୍ୟାଚ୍‌କୁ ୦୬ ୱିକେଟରେ ଜିତିଥିଲା। ପୂର୍ବ ରେଳୱେର ଦୀପଞ୍ଜନ ମୁଖାର୍ଜୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ ମେଟ୍ରୋ ରେଳୱେ ଏବଂ ଦକ୍ଷିଣ ପୂର୍ବ ମଧ୍ୟ ରେଳୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦକ୍ଷିଣ ପୂର୍ବ ମଧ୍ୟ ରେଳୱେ ଏହି ମ୍ୟାଚ୍‌କୁ ୭୬ ରନରେ ଜିତିଥିଲା। ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇର ଅଟଳ ଶର୍ମା, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଶୁଭ୍ର ଜ୍ୟୋତି ମଣ୍ଡଳ, ଅତିରିକ୍ତ ଡିଭିଜନାଲ ରେଳୱେ ମ୍ୟାନେଜର (ଇନଫ୍ରା) ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ।

ହିମାଦ୍ରି ଭୂଷଣ ବିଶ୍ୱାଳ, କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ସମସ୍ତ ଉତ୍ତୀର୍ଣ୍ଣ ଦଳକୁ ଅଭିନନ୍ଦନ ଜଣାଇବା ସହ ନକ୍‌ଆଉଟ୍ ଫେଜ୍ ପାଇଁ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି। ଏଲିଟ୍ ପୁଲ୍-ଏ ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍, କ୍ରୀଡ଼ା ସଚିବ ଏମ୍ ଜାକିରୁଦ୍ଦିନ ଏବଂ ଜ୍ୟୋତି ଶଙ୍କର ପାତ୍ର, ସହକାରୀ କ୍ରୀଡ଼ା ସଚିବ ତଥା ଇଷ୍ଟକୋଷ୍ଟ ରେଳ ସ୍ପୋର୍ଟସ ଆସୋସିଏସନର ସଦସ୍ୟମାନଙ୍କ ଦ୍ୱାରା ଅନୁଷ୍ଠିତ ହେଉଛି।

# ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ଦୌଡ଼ରେ ଓଡ଼ିଶାର ଅମିତ ରୋହିଦାସ, ସୁନେଲିତା

ନୂଆଦିଲ୍ଲୀ

ହକି ଇଣ୍ଡିଆ ବାର୍ଷିକ ପୁରସ୍କାର ଉତ୍ସବ ପାଇଁ ରେକର୍ଡ ୧୨ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି। ଏଥର ୭ଟି ବିଭାଗରେ ୩୨ଜଣ ଖେଳାଳିଙ୍କୁ ପୁରସ୍କୃତ କରାଯିବ। ଏହି ଇଭେଣ୍ଟ ଶନିବାର ଅନୁଷ୍ଠିତ ହେବ।

୨୦୨୪ ସିଜନ୍‌ରେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ପୁରସ୍କୃତ କରାଯିବ। ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା ଖେଳାଳିଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ବଲବୀର ସିଂ ସିନିୟର ପୁରସ୍କାର ପ୍ରଦାନ କରାଯିବ। ଯୁବ ଖେଳାଳିଙ୍କୁ ଉତ୍ସାହିତ କରିବା ଲାଗି ମଧ୍ୟ ପୁରସ୍କାର ବ୍ୟବସ୍ଥା କରାଯାଇଛି।

ଏହି କାଟେଗୋରିରେ ଅପ୍




କମିଙ୍ଗ ପ୍ଲେୟର ଅଫ୍ ଦି ଇୟର(ପୁରୁଷ) ଏବଂ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର (ମହିଳା) ପାଇଁ ଅସୁନ୍ତା ଲାକ୍ରା ପୁରସ୍କାର ପ୍ରଦାନ କରାଯିବ। ଏହା ବ୍ୟତୀତ ବିଭିନ୍ନ ପୋଜିସନରେ ଭଲ ପ୍ରଦର୍ଶନ କରିଥିବା ଖେଳାଳି ଯଥା ଗୋଲ୍‌କିପର ଅଫ୍ ଦି ଇୟର ପାଇଁ ବଲ୍‌ଜିତ ସିଂ ପୁରସ୍କାର, ଡିଫେଣ୍ଡର ଅଫ୍ ଦି ଇୟର ପାଇଁ ପରଗତ ସିଂ ପୁରସ୍କାର, ମିଡ୍‌ଫିଲ୍‌ଡର ଅଫ୍ ଦି ଇୟର ପାଇଁ ଅଜିତ ପାଲ୍ ସିଂ ପୁରସ୍କାର ଏବଂ ଫରୱାର୍ଡ ଅଫ୍ ଦି ଇୟର ପାଇଁ ଧନରାଜ ପିଲ୍ଲେ ପୁରସ୍କାର ପ୍ରଦାନ କରାଯିବ।

ଓଡ଼ିଶାର ଅମିତ ରୋହିଦାସ ପୁରୁଷ ଡିଫେଣ୍ଡର ଅଫ୍ ଦି ଇୟର ପୁରସ୍କାର ଦୌଡ଼ରେ ରହିଛନ୍ତି। ମହିଳା ବିଭାଗ ଅପ୍ କମିଙ୍ଗ ପ୍ଲେୟର ଅଫ୍ ଦି ଇୟର ସମ୍ଭାବ୍ୟ ତାଲିକାରେ ଓଡ଼ିଶାର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ୧୯୭୫ରେ ଭାରତୀୟ ପୁରୁଷ ଦଳ ଯେଉଁ ଦିନ ଏହାର ପ୍ରଥମ ଏବଂ ଏକମାତ୍ର ବିଶ୍ୱକପ୍ ହାସଲ କରିଥିଲା, ତାହାର ୫୦ବର୍ଷ ପୂର୍ତ୍ତି ଅବସରରେ ଏଥର ବାର୍ଷିକ ପୁରସ୍କାର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହାଛଡ଼ା ୨୦୨୫ରେ ଭାରତୀୟ ହକିର ୧୦୦ବର୍ଷ ପୂରଣ ହେଉଛି।

# ସୁଶ୍ରୁତ ହସ୍ପିଟାଲରେ ମାଗଣା ଚିକିତ୍ସା ଶିବିର




ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ସୁଶ୍ରୁତ ହସ୍ପିଟାଲ ଏବଂ ଟ୍ରମାକେୟାର, ଫରେଷ୍ଟ ପାର୍କ, ଭୁବନେଶ୍ୱର କୋରେଇ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର କୋରେଇ ବ୍ଲକ୍ ଶଙ୍ଖଚିଲା, ସରସ୍ୱତୀ ଶିଶୁ ମନ୍ଦିର ଠାରେ ସକାଳ ୯.୩୦ରୁ ଦିନ ୩.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଥିଲା। ଶିବିର ଉଦ୍‌ଘାଟନ ଉତ୍ସବରେ ପରିଷଦ ସଭାପତି ଶ୍ରୀଧର ଦାଶ ଅଧ୍ୟକ୍ଷତାରେ ବରିଷ୍ଠ ଜାତୀୟ ଅନୁସନ୍ଧାନ ଭେଷଜ ଚିକିତ୍ସା ବିଶେଷଜ୍ଞ ପ୍ରଫେସର ଇମିରେଟସ୍ ଡା. ଚତୁର୍ଭୁଜ ଭୂୟାଁ, ଅସ୍ଥିରୋଗ ବିଶେଷଜ୍ଞ ଡା. ସ୍ୱାଗତ ମହାପାତ୍ର, ଶିଶୁରୋଗ ବିଶେଷଜ୍ଞ ଡା. ବିଶ୍ୱନାଥ ଦାଶ, ମୁଖ୍ୟ ଉପଦେଷ୍ଟା, ମନୋଜ ଜେନା, ସମ୍ପାଦକ, ଆଲୋକ ଦାଶ, ହସ୍ପିଟାଲ ସଂଯୋଜକ ସୋନିଆ ଦାସ ପ୍ରମୁଖ ଓ ଏକାଧିକ ଆୟୋଜକ, ଫାର୍ମାସିଷ୍ଟ, ସାମ୍ବାଦିକ ଏବଂ ରୋଗୀଙ୍କ ଗହଣରେ ବିଶେଷଜ୍ଞ ମାନଙ୍କୁ ସମ୍ବର୍ଦ୍ଧିତ ସହିତ ସୁଶ୍ରୁତ ହସ୍ପିଟାଲକୁ ମେମୋଣ୍ଟ ଦିଆଯାଇଥିଲା। ଏହି ଚିକିତ୍ସା ଶିବିରରେ ୨୦୦ରୁ ଅଧିକ, ବିଭିନ୍ନ ପ୍ରକାର ରୋଗୀ ମଧୁମେହ, ଉଚ୍ଚ ରକ୍ତଚାପ, ଆଣ୍ଠୁଗଣ୍ଠି ବାତ, ଚର୍ମରୋଗ, ଛାତି, କାଶ, ଶ୍ୱାସ, ଜ୍ୱର, ଥଣ୍ଡା, ଅଜୀର୍ଣ୍ଣ, ଗ୍ୟାସ୍, ଅମ୍ଳ, ଯକୃତାଦି ପେଟରୋଗ, ମୂତ୍ର, ଛୁତପୋଡ଼ାଦି କିଡ୍‌ନୀ ରୋଗ, ମୋଟା, ମେଦବହୁଳ, ଲାଇପୋମାଦି, ପୁରୁଣା ଥଣ୍ଡା, ମୁଣ୍ଡବିନ୍ଧା, ଦୁର୍ଘଟଣା ଜନିତ ଜଖମ, ଖଣ୍ଡିଆ, ନିଦ୍ରାହୀନ, ବାର୍ଦ୍ଧକ୍ୟଜନିତ ରୋଗ ଏବଂ ସ୍ୱତନ୍ତ୍ର ଭାବେ ମଳାଶୟ, ମଳଦ୍ୱାର (ପ୍ରୋକ୍ଟୋଲୋଜି) ଗଡ଼-ପାଇଲିସ୍, ଫିଷ୍ଟୁଲା, ଫିସର, ପ୍ରୋଲାପ୍‌ସାଦି ଏକାଧିକ ମଳାଶୟ ରୋଗୀଙ୍କ ପରୀକ୍ଷା କରାଯାଇ ପରାମର୍ଶ ସହିତ ଯଥାସମ୍ଭବ ଔଷଧ ସମସ୍ତଙ୍କୁ ଦିଆଯାଇଥିଲା। ଏହି ଚିକିତ୍ସା କେନ୍ଦ୍ରକୁ ସୁଶ୍ରୁତ ହସ୍ପିଟାଲ, ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି, ନ୍ୟୁଟ୍ରି କମ୍ପାନୀ କଲିକତା ପକ୍ଷରୁ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା। ଉନ୍ନୟନ ପରିଷଦର ସଭ୍ୟସଭ୍ୟା ପୂର୍ଣ୍ଣ ଆୟୋଜନ କରିବା ବେଳେ ସୁଶ୍ରୁତ ହସ୍ପିଟାଲ ଷ୍ଟାଫ୍ ମାନେ ପରିଚାଳନା କରିଥିଲେ। ଚିକିତ୍ସା ଶିବିର ସଫଳତା ନେଇ ସ୍ଥାନୀୟ କର୍ମକର୍ତ୍ତା ଉତ୍ସାହିତ; ପୁନର୍ବାର ଚିକିତ୍ସା ଶିବିର କରିବା ପାଇଁ ଅନୁରୋଧ ଜଣାଇ ଥିଲେ। ପରିଷଦ ପକ୍ଷରୁ ସୁଶ୍ରୁତ ହସ୍ପିଟାଲ ଏବଂ ସମସ୍ତ ଷ୍ଟାଫମାନଙ୍କୁ ସେବା ପାଇଁ ଧନ୍ୟବାଦ ଜଣାଇଥିଲେ।

# ଉତ୍କଳ ବନାମ ଓଡ଼ିଶା

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ବିଧାୟକ ଜୟନାରାୟଣ ମିଶ୍ରଙ୍କର ବିବାଦୀୟ ମନ୍ତବ୍ୟ 'ବନ୍ଦେ ଉତ୍କଳ ଜନନୀ' ଇତିହାସରେ ସାମାନ୍ୟ ଜ୍ଞାନ ଥିବା ପ୍ରତ୍ୟେକଙ୍କୁ ବ୍ୟଥିତ କରିଛି। ତାଙ୍କ କହିବା କଥା ହେଲା- ଉତ୍କଳ କହିଲେ କେବଳ ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲାସମୂହ ଯେଉଁଥିରେ କି କୋଶଳ ବା କଳିଙ୍ଗର ନାମ ନାହିଁ। ମାନନୀୟ ବିଧାୟକ ମହୋଦୟ ଯାହା କହୁଛନ୍ତି ତାହାର କୌଣସି ସତ୍ୟତା ନାହିଁ। କଳିଙ୍ଗର ଗଙ୍ଗବଂଶର ସମ୍ରାଟମାନେ କ୍ରମଶଃ ରାଜ୍ୟ ବିସ୍ତାର କରି ସମସ୍ତ ଛୋଟବଡ଼ ରାଜ୍ୟକୁ ନିଜ ମୂଳ ରାଜ୍ୟ ସହ ମିଶାଇ ବିଶାଳ କଳିଙ୍ଗ ସାମ୍ରାଜ୍ୟ ଗଠନ କରିପାରିଥିଲେ। ମାତ୍ର ସୂର୍ଯ୍ୟବଂଶର ଅଭ୍ୟୁତ୍ଥାନ ପରେ ଯଶସ୍ୱୀ ସମ୍ରାଟ କପିଳେନ୍ଦ୍ର ଦେବ (ଖ୍ରୀ.ଅ. ୧୪୫୨-୧୪୭୯) ଗଙ୍ଗ ମାନଙ୍କ ରାଜ୍ୟସବୁ ଜୟ କରି ସେ ସବୁକୁ ଆଉ କଳିଙ୍ଗ ନାମ ନଦେଇ ଉତ୍କଳ କରିଦେଲେ ଓ କ୍ରମଶଃ ତାଙ୍କ ବିଜିତ ରାଜ୍ୟସବୁ ଉତ୍କଳ ନାମରେ ସମଗ୍ର ବଙ୍ଗ ରାଜ୍ୟସହ ବର୍ତ୍ତମାନର ବଙ୍ଗଳା ଦେଶରେ ଥିବା ଫାରକା ପର୍ଯ୍ୟନ୍ତ ବଢ଼ି ଯାଇଥିଲା। ସେତେବେଳେ ଏହି କ୍ରମରେ ଚାଲିଥିଲେ ହୁଏତ ବଙ୍ଗ ରାଜ୍ୟ ନଥାନ୍ତା ଓ ବର୍ତ୍ତମାନର ବଙ୍ଗଳାର ଲୋକମାନଙ୍କର ଆଉ କଥିତ ବଙ୍ଗ ଭାଷା କହିବାକୁ ପଡ଼ିନଥାନ୍ତା। ସେହି ବଙ୍ଗ ଭାଷୀ ଅଞ୍ଚଳରେ ପ୍ରଚଳିତ ବୈଷ୍ଣବଧର୍ମ ଗୋଡ଼ୀୟ ନାମରେ ନାମିତ ହେବାସହ ତାହାର ସୃଷ୍ଟିକର୍ତ୍ତା ଥିଲେ କପିଳେନ୍ଦ୍ର ଦେବଙ୍କ ବଡ଼ପୁଅ ବୀର ହମିର। ବୀର ହମିର କପିଳେନ୍ଦ୍ରଦେବଙ୍କ ପରେ କାହିଁକି ଉତ୍କଳ ଶାସନ ଗ୍ରହଣ ନକରି ସାନଭାଇ ପୁରୁଷୋତ୍ତମ ଦେବଙ୍କୁ ଦିଆଇଥିଲେ ତାହା ହିଁ ରହସ୍ୟାବୃତ୍ତ। ସେହିପରି ଦକ୍ଷିଣ ପଶ୍ଚିମରେ ପ୍ରାୟ ସମସ୍ତ ରାଜ୍ୟ ଦଖଲ କରି ସେ ଉତ୍କଳ ସହ ମିଶାଇ ଦେଇଥିଲେ ଯାହାର ସ୍ମାରକୀ ଏବେବି ଦେଖିବାକୁ ମିଳେ। ପୁରୁଷୋତ୍ତମଦେବ କାଞ୍ଚି ଜୟ ପରେ ସେଠାର ରାଜଜେମାକୁ କଟକ ବାରବାଟୀକୁ ନେଇଆସିଥିଲେ। କାଞ୍ଚି ରାଜ୍ୟ ସୀମାକୁ ଅତିକ୍ରମ କରିବାବେଳେ ସେହି ସ୍ଥାନର ନାମ ବିଜୟ ବାହୁଡ଼ା ଦିଆଯାଇଥିଲା ଯାହାକି ଏବେ ବେଜୱାଡ଼ା ନାମରେ ନାମିତ। ସେଠାର ଦୁର୍ଗମ ଅଞ୍ଚଳରେ ଥିବା ଏକ ପାହାଡ଼ରେ ଗୋଟିଏ ଓଡ଼ିଆ ଶିଳାଲିପି ଏହି ନାମରେ ଥିବାର ଦେଖିବାକୁ ମିଳେ। ଷାଠିଏ ଦଶକରେ ସ୍ୱର୍ଗତ ଐତିହାସିକ କେଦାରନାଥ ମହାପାତ୍ର ଓ ମୁଁ ଏହି ଶିଳାଲିପିକୁ ଦେଖିଥିଲୁ। ଏବେ ତାହା ଅଛି କି ନାହିଁ ନ ଦେଖିଲେ କହିହେବ ନାହିଁ। ତାମିଲନାଡୁ ଗଲାବେଳେ ସେଠାର ଉପାନ୍ତ ଅଞ୍ଚଳରେ ପହଞ୍ଚିବା ପୂର୍ବରୁ କପିଳେନ୍ଦ୍ରଦେବଙ୍କ ନାମରେ ଏକ ଗ୍ରାମ ଥିବାର ଫଳକ ରେଳପଥର ଅଦୂରରେ ଦେଖାଯାଏ। ଉତ୍ତର ଭାରତରେ ବୃନ୍ଦାବନର ଆବିଷ୍କର୍ତ୍ତା ହେଉଛନ୍ତି ତାଙ୍କ ବଡ଼ପୁଅ ବୀର ହମିର। ମାତ୍ର ଶ୍ରୀଚୈତନ୍ୟଙ୍କର ଶିଷ୍ୟ ଦ୍ୱୟ ରୂପ ଗୋସ୍ୱାମୀ ଓ ସନାତନ ଗୋସ୍ୱାମୀଙ୍କ ଦ୍ୱାରା ବୃନ୍ଦାବନର ଚିହ୍ନଟ ଓ ସଂରକ୍ଷଣ ହୋଇଥିବାର ଲେଖାଅଛି। ସେତିକି ନୁହେଁ, ବୃନ୍ଦାବନରେ ପୂଜିତ ବାଙ୍କେବିହାରୀଙ୍କ ଭବ୍ୟମୂର୍ତ୍ତି ଓଡ଼ିଆ କାରିଗରଙ୍କ ଦ୍ୱାରା ନିର୍ମିତ, ଯାହାକୁ କି ବୀର ହମିର ହିଁ ସେଠାରେ ସ୍ଥାପନ କରିଥିଲେ। ଦିଲ୍ଲୀର ମୋଗଲ ସମ୍ରାଟଙ୍କୁ ସେ ହରାଇ 'ଧ୍ୱସ୍ତ ଦିଲ୍ଲିନ୍ଦ୍ର ଗର୍ବ' ଉପାଧି ଗ୍ରହଣ କରିଥିଲେ। ବର୍ତ୍ତମାନର ସୁଦୂର କାନ୍ଧାହର ପର୍ଯ୍ୟନ୍ତ କପିଳେନ୍ଦ୍ରଦେବଙ୍କ ଅଧୀନରେ ଥିଲା। କୌଣସି ଯଶସ୍ୱୀ ଓଡ଼ିଆ ସମ୍ରାଟଙ୍କର ଏପରି ଅଭ୍ୟୁଦୟ ଆଗରୁ ଦେଖାଯାଇ ନଥିଲା। ବନ୍ଦେ ଉତ୍କଳ ଜନନୀ ହିଁ ତାଙ୍କରି ଜୟକାର। ଏଥିରେ ଦ୍ୱିଧା କରିବାର କୌଣସି କାରଣ ନାହିଁ। ଏହାତ ଗଲା ଇତିହାସର ଏକ ଅପାସୋରା କଥା। ବର୍ତ୍ତମାନର ପଶ୍ଚିମ ଓଡ଼ିଶାରେ ଜନ୍ମିତ ପ୍ରଥିତ ଯଶା ଗୁରୁ ପଦ୍ମସମ୍ଭବ ଭଗବାନ ଗୌତମ ବୁଦ୍ଧଙ୍କର ଅବତାର ସଦୃଶ ଥିଲେ। ଚୀନ୍ ସାମ୍ରାଜ୍ୟର ଏକଦା ସର୍ବମୟକର୍ତ୍ତା ଥିବା ମାଓ ସେତୁଙ୍ଗଙ୍କର ଶିକ୍ଷାଗୁରୁ ଥିବା ସ୍ୱର୍ଗତ ପ୍ରହ୍ଲାଦ ପ୍ରଧାନଙ୍କ ବିଷୟରେ ବିଧାୟକ ଶ୍ରୀ ମିଶ୍ର କିଛି ଜାଣିଛନ୍ତି କି? ବିଗତ ଶତାବ୍ଦୀରେ ତାଙ୍କର ପରଲୋକ ହୋଇଯାଇଛି। ମାଓସେତୁଙ୍ଗଙ୍କର ତାଙ୍କ ପ୍ରତି ମନ୍ତବ୍ୟ ଥିଲା- ତୁମ ଭାରତବର୍ଷ ରାଜା, ଜମିଦାର ଓ ସାପମାନଙ୍କର ଦେଶ। ସେମାନେ ସାମ୍ୟବାଦର ଅର୍ଥ କିଛି ଜାଣନ୍ତି ନାହିଁ। ତତ୍କ୍ଷଣାତ୍ ଡକ୍ଟର ପ୍ରଧାନ କହିଥିଲେ, "ନାହିଁ ଆଜ୍ଞା ମୁଁ ଭାରତର ଯେଉଁଠାରୁ ଆସିଛି ସେଠାରେ ଯୁଗ ଯୁଗ ଧରି ସାମ୍ୟବାଦ ବଞ୍ଚି ରହିଛି। ମଣିଷ ପ୍ରତି ମଣିଷର ସମ୍ମାନ ସେହିଠାରେ ହିଁ ଦେଖିବାକୁ ମିଳିବ।" ଏହା କହି ସେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସହ ତାଙ୍କ ଫଟୋ ତାଙ୍କୁ ଦେଖାଇଥିଲେ। ଏଥିରେ ମାଓ ସେତୁଙ୍ଗ ଆଶ୍ଚର୍ଯ୍ୟ ହୋଇଗଲେ ଓ ତାଙ୍କ ମୁଖମଣ୍ଡଳରେ ମଳିନତା ଦେଖାଗଲା। କହିଲେ- ଭାରତ ଗଲେ ସେପରି ସ୍ଥାନକୁ ମୁଁ ଦେଖିବାକୁ ପ୍ରଥମେ ଯିବି। ବଞ୍ଚିଥିବା ପର୍ଯ୍ୟନ୍ତ ସେ ଭାରତ ଆଉ ଆସିପାରି ନାହାନ୍ତି। ସେତେବେଳର ପୃଥିବୀରେ ସବୁଠାରୁ ଶକ୍ତିଶାଳୀ ଶାସକଙ୍କୁ ଏପରି ମନେଇବା କେତେଜଣ ଓଡ଼ିଆ କରିଥିଲେ? ଜୟ ନାରାୟଣ ବାବୁ କେବେହେଲେ ତାଙ୍କ କଥା ଜାଣନ୍ତି କି? ସେ ଜାଣିଥିଲେ ସ୍ମାରକୀଟିଏ ନିଶ୍ଚୟ ଗଢି ପାରିଥାନ୍ତେ। ସେଥିରେ ଓଡ଼ିଆ ମାନଙ୍କର ଛାତି ଫୁଲି ଉଠିଥାନ୍ତା। କେବଳ ରାଜନୀତି କଥାରେ ସୀମାବଦ୍ଧ ହେଲେ ଏହିପରି ବହୁ କଥା ଲୁଚିଯାଏ। ପୁଣି ଶିବପାର୍ବତୀଙ୍କ ବିବାହ ବା ଶୀତଳ ଷଷ୍ଠୀର ପ୍ରବାହ କେଉଁଠାରୁ ଯାଇଥିଲା ଏବଂ ଯାହା ଏବେ ପଶ୍ଚିମ ଓଡ଼ିଶାର ହୋଇଛି ଗଣପର୍ବ, ତାହା ଶ୍ରୀଯୁକ୍ତ ମିଶ୍ର ନିଶ୍ଚୟ ଜାଣିଥିବେ।

୧୯୩୬ ମସିହାରେ ଯେତେବେଳେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ସେହି ସ୍ଥାନ କେଉଁଠାରେ ବୋଲି ବ୍ରିଟିଶ ପ୍ରିଭି କାଉନସିଲ ସଭାର ସଭ୍ୟମାନେ ପ୍ରଶ୍ନ ପଚାରିଥିଲେ। ତାହା ଶ୍ରୀଜଗନ୍ନାଥଙ୍କ ଦେଶ ବୋଲି ସେଠାରେ ଉପସ୍ଥିତ ଥିବା ପାରଳା ମହାରାଜା ସ୍ୱର୍ଗତ ଗଜପତି କୃଷ୍ଣଚନ୍ଦ୍ରଦେବ ଉତ୍ତର ଦେଇଥିଲେ। ସମସ୍ତ ସଭ୍ୟ ଯୋଡ଼ ହସ୍ତରେ ପ୍ରଣାମ କରି ପ୍ରସ୍ତାବଟିକୁ ସ୍ୱୀକୃତି ଦେଇଥିଲେ। ଆଲୋଚ୍ୟ ପଶ୍ଚିମ ଓଡ଼ିଶା ଯେପରି ଧନଶାଳୀ ତା ସମକ୍ଷରେ କଟକ, ପୁରୀ, ବାଲେଶ୍ୱରରେ କ'ଣ ବା ଅଛି? କେବଳ ଶ୍ରୀଜଗନ୍ନାଥଙ୍କ ପରିଚୟ ବ୍ୟତୀତ ଆଉ ଆମର ଆଉ କିଛି ନାହିଁ। ମାନନୀୟ ବିଧାୟକ ଜଣେ ଲୋକ ପ୍ରତିନିଧି। ଅନ୍ୟମାନଙ୍କର ମନରେ ଆଘାତ ନ ଦେଇ ନିଜର ସତ୍‌କର୍ମ ଦ୍ୱାରା ଜାତିର ଉନ୍ନତି କରିବାରେ ଆଗେଇ ଯାଆନ୍ତୁ। ଏହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଭୁବନେଶ୍ୱର
୧୧ ମାର୍ଚ୍ଚ,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରଥଯାତ୍ରାକୁ ୟୁନେସ୍କୋ ଦ୍ୱାରା ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ପ୍ରକ୍ରିୟା ଆରମ୍ଭ କଲା ଶ୍ରୀମନ୍ଦିର ପ୍ରଶାସନ

**ପୁରୀ,୧୦/୦୩**
**ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ରଥଯାତ୍ରାକୁ ୟୁନେସ୍କୋ ଦ୍ୱାରା ବିଶ୍ୱ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପ୍ରଦାନ ନେଇ ପ୍ରକ୍ରିୟା ଆରମ୍ଭ କରିଛି ଶ୍ରୀମନ୍ଦିର ପ୍ରଶାସନ । ଏନେଇ ନାମାଙ୍କନପତ୍ର ପ୍ରସ୍ତୁତି ପ୍ରକ୍ରିୟା ଚାଲିଥିବା ବେଳେ ଖୁବ୍‌ଶୀଘ୍ର ଏହା ଦାଖଲ କରାଯିବ । ନିକଟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଏନେଇ ଆଲୋଚନା କରିଥିଲେ । ରଥଯାତ୍ରା ଭଳି ମହାର୍ଘ୍ୟ ବୈଶ୍ୱିକ ଯାତ୍ରାର ମହାନତା ଉପଲବ୍ଧି କରି କର୍ତ୍ତୃପକ୍ଷ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରଶାସନ ଆଶା ରଖିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।



# ଚଳିତ ମାସ ନୂଆ ସଭାପତି ପାଇବ ରାଜ୍ୟ ବିଜେପି

**ଭୁବନେଶ୍ୱର, ୧୦/୩**
**ନ୍ୟୁଜ ବ୍ୟୁରୋ**




ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଯାଇଛି । ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଘ ବୈଠକରେ ଉପସ୍ଥିତ ଥିଲେ । ଏହାସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବି ଉପସ୍ଥିତ ଥିଲେ । ଏହି ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଉପସ୍ଥିତି ଥିଲେ । ବିଜେପି ରାଜ୍ୟ ସଭାପତି ଚୟନ ଏବଂ ନିଗମ ବୋର୍ଡ, କମିଶନ ଭଳି ପଦ ପଦବୀ ପାଇଁ ଆଲୋଚନା ହୋଇଥିବା ସୂଚନା ମିଳିଛି । ଏପଟେ ବିଜେପି ରାଜ୍ୟ ସଭାପତି ଚୟନ ନିଷ୍ପତ୍ତିରେ ବିଳମ୍ବ ନେଇ ବିଜୟ ପାଲ ସିଂ ତୋମାର ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ବିଜେପିର ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ କେ. ଲକ୍ଷ୍ମଣ ଶେଷ ନିଷ୍ପତ୍ତି ନେବେ । ମାର୍ଚ୍ଚ ମାସରେ ହିଁ ହେବ ବିଜେପି ରାଜ୍ୟ ସଭାପତି ଚୟନ । ଏହାସହ ସେ ଆହୁରି ମଧ କହିଛନ୍ତି, ସଂଗଠନଙ୍କୁ ଆଗକୁ ନେବା ପାଇଁ ଏକ୍ସରସାଇଜ ଚାଲିଛି । ବିଜେପିର ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ କେ. ଲକ୍ଷ୍ମଣ ରାଜ୍ୟ ବିଜେପିର କିଏ ହେବେ ସଭାପତି ସେନେଇ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ । ପୂର୍ବରୁ ଫେବୃୟାରୀ ୨୫ ତାରିଖରେ ବିଜେପି ରାଜ୍ୟ ସଭାପତି ଚୟନ ବିଳମ୍ବ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଥିଲେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର । ସେ କହିଥିଲେ ଯେ ୩୧ ମାର୍ଚ୍ଚ ପୂର୍ବରୁ ବିଜେପି ରାଜ୍ୟ ସଭାପତି ନାଁ ଘୋଷଣା ହେବ । ରାଜ୍ୟ ବିଜେପି ସଭାପତି କିଏ ହେବେ, ଏ ପର୍ଯ୍ୟନ୍ତ ଦିଲ୍ଲୀରୁ କୌଣସି ନିର୍ଦ୍ଦେଶ ଆସିନାହିଁ । ଏନେଇ ଶୀଘ୍ର ନିର୍ଣ୍ଣୟ ନେବେ ବିଜେପି ଜାତୀୟ ନେତୃତ୍ୱ । ୧୫ ମାର୍ଚ୍ଚ ପୂର୍ବରୁ ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ କେନ୍ଦ୍ର ଏବଂ ଓଡ଼ିଶା ଦାୟିତ୍ୱରେ ଥିବା ସଞ୍ଜୟ ଜୟସ୍ୱାଲଙ୍କ ସହ ଆମେ ଆଲୋଚନା କରିବୁ ବୋଲି ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଥିଲେ । ହେଲେ ଏଯାଏଁ ସଭାପତି ହେବ କିଏ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଏପଟେ ୮ ମାସ ପରେ ବି ମନ୍ତ୍ରିମଣ୍ଡଳରେ ୬ଟି ପଦ ଖାଲିପଡିଛି । କୁହାଯାଉଛି ରାଜ୍ୟ ମଙ୍ଗୁଆଳ ଘୋଷଣା ହେବା ପରେ ଏସବୁର ସମାଧାନ ହେବ ।

# ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶ ପାଇଁ ପଶ୍ଚିମବଙ୍ଗ ସରକାର ଦାୟୀ : ରାଜସ୍ୱ ମନ୍ତ୍ରୀ



**ଭୁବନେଶ୍ୱର ୧୦ ।୩ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରୁ ବାଂଲାଦେଶୀ ଅନୁପ୍ରବେଶକାରୀ ଗିରଫ ଘଟଣାକୁ ନେଇ ଚାଞ୍ଚଲ୍ୟକର ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଶ୍ରୀ ପୂଜାରୀ କହିଛନ୍ତି ଯେ, ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶ ପାଇଁ ପଶ୍ଚିମବଙ୍ଗ ସରକାର ଦାୟୀ । ପଶ୍ଚିମବଙ୍ଗ ଦେଇ ଓଡ଼ିଶାକୁ ପଶୁଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀ । ବଡ଼ରରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ରାଜ୍ୟ ସରକାରଙ୍କ କାମ । କିନ୍ତୁ ପଶ୍ଚିମବଙ୍ଗ ସରକାର ନିଜ କାମ କରୁନାହାନ୍ତି । କେନ୍ଦ୍ର ସରକାରଙ୍କ ଆଇନ ଓ ପଦକ୍ଷେପକୁ ମଧ୍ୟ ସହଯୋଗ କରୁନାହାନ୍ତି ପଶ୍ଚିମବଙ୍ଗ ସରକାର । ଦେଶକୁ ଓ ରାଜ୍ୟକୁ ଅନୁପ୍ରବେଶକାରୀ ଆସିବା ଓ ବାଂଲାଦେଶକୁ ଗୋ-ଚାଲାଣ ପଶ୍ଚିମବଙ୍ଗ ଦେଇ ହିଁ ହେଉଛି । ସଂସଦୀୟ ଗଣତନ୍ତ୍ରର ମନ୍ତ୍ରକୁ ମାନୁନି ପଶ୍ଚିମବଙ୍ଗ । ଅନ୍ୟପକ୍ଷରେ ଆମ ରାଜ୍ୟରେ ପୋଲିସ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେଉଛି । ତହସିଲଦାରମାନେ ରାଜ୍ୟରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାରେ ସହାୟତା କରୁଛନ୍ତି । ରାଜ୍ୟରେ ବହୁ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଅନେକ ପ୍ରକାର ଅପରାଧିକ କାର୍ଯ୍ୟରେ ସଂପୃକ୍ତ ଅଛନ୍ତି । ଆଇନଶୃଙ୍ଖଳା ଭାଙ୍ଗିବାରେ ଓଡ଼ିଆବାସୀଙ୍କ ତୁଳନାରେ ଏହି ଅନୁପ୍ରବେଶକାରୀମାନେ ଅଧିକ ଦାୟୀ । ଆଗକୁ ଏହାର ସ୍ଥାୟୀ ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ରମଜାନରେ ମୁସଲମାନଙ୍କୁ ଅଫିସରୁ ଶୀଘ୍ର ଛୁଟି ବିରୋଧରେ ଆଗତ ଆବେଦନ ସୁପ୍ରିମକୋର୍ଟରେ ଅଗ୍ରାହ୍ୟ

**ନୂଆଦିଲ୍ଲୀ ୧୦ ।୩ ନ୍ୟୁଜ ବ୍ୟୁରୋ**



ଉଚ୍ଚତମ ନ୍ୟାୟାଳୟ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ସେହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରୁଥିବା ଏକ ଆବେଦନ ଉପରେ ଶୁଣାଣି କରିବାକୁ ମନା କରିଦେଇଛନ୍ତି, ଯେଉଁଥିରେ ମୁସଲମାନ କର୍ମଚାରୀଙ୍କୁ ରମଜାନ ଲାଗି ୧ ଘଣ୍ଟା ପୂର୍ବରୁ କାର୍ଯ୍ୟାଳୟ ଛାଡିବାକୁ ଅନୁମତି ଦିଆଯାଇଛି । ମାମଲାରେ କୋର୍ଟ ଆବେଦନକାରୀଙ୍କୁ ତାଙ୍କ ଅଭିଯୋଗକୁ ସମ୍ପର୍କିତ ଉଚ୍ଚ ନ୍ୟାୟାଳୟକୁ ନେଇଯିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସିଜେଆଇ ସଞ୍ଜୀବ ଖାନ୍ନା ଓ ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ପୀଠ ଆବେଦନ ଉପରେ ବିଚାର କରିବାକୁ ମନା କରିବା ସହ ଏହି ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟରେ ଆବେଦନକାରୀଙ୍କ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଓକିଲ ଶଙ୍କରନାରାୟଣନ ମାମଲାରେ ତଦନ୍ତ ନିର୍ଦ୍ଦେଶ ଦେବାକୁ ନିବେଦନ କରିଥିଲେ । ତେବେ ପୀଠ ନିଜ ନିଷ୍ପତ୍ତିରେ ଅଟଳ ରହିଛନ୍ତି । ପୀଠ ତାଙ୍କ ଆଦେଶରେ କହିଛନ୍ତି ଯେ ଆବେଦନକାରୀଙ୍କ ଓକିଲ ସମ୍ବିଧାନର ଅନୁଚ୍ଛେଦ ୨୨୬ ଅନୁସାରେ ସମ୍ବନ୍ଧିତ ଉଚ୍ଚନ୍ୟାୟାଳୟକୁ ଯିବା ପାଇଁ ସ୍ୱାଧୀନ ଓ ସେ ବର୍ତ୍ତମାନର ଆବେଦନକୁ ପ୍ରତ୍ୟାହାର କରିବାକୁ ଚାହୁଁଥିବା କହିଛନ୍ତି । ଏହା ସହିତ ପୀଠ ମାମଲାକୁ ଉଚ୍ଚନ୍ୟାୟାଳୟରେ ଉଠାଇବା ପାଇଁ ଓକିଲଙ୍କୁ ସ୍ୱାଧୀନତା ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ତେଲେଙ୍ଗାନା ସରକାର ଏକ ସର୍କୁଲାର ଜାରି କରି ମୁସଲମାନ କର୍ମଚାରୀଙ୍କୁ ରମଜାନ କାଳରେ ୧ ଘଣ୍ଟା ପୂର୍ବରୁ କାମ ଛାଡିବାକୁ ଅନୁମତି ଦେଇଥିଲେ । ସେହିପରି ଆନ୍ଧ୍ରପ୍ରଦେଶରେ ଟିଡିପି ନେତୃତ୍ୱାଧୀନ ଏନଡିଏ ସରକାର ମଧ ରାଜ୍ୟର ସମସ୍ତ ମୁସ଼୍ଲିମ କର୍ମଚାରୀଙ୍କୁ ରମଜାନ ନିମନ୍ତେ ୨ ମାର୍ଚ୍ଚରୁ ୩୦ ମାର୍ଚ୍ଚ ପର୍ଯ୍ୟନ୍ତ ଘଣ୍ଟାଏ ପୂର୍ବରୁ କାର୍ଯ୍ୟାଳୟ ଛାଡିପାରିବେ ବୋଲି ଅନୁମତି ଦେଇଥିଲେ । ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ସରକାରୀ କର୍ମଚାରୀଙ୍କୁ ସରକାରଙ୍କ ଏପରି ଅନୁମତିକୁ ଶଙ୍କରନାରାୟଣନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ।

# ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ ବିଧାନସଭାରେ ଶୋକ

**ଭୁବନେଶ୍ୱର, ୧୦/୩**
**ନ୍ୟୁଜ ବ୍ୟୁରୋ**



ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ବିୟୋଗରେ ସୋମବାର ବିଧାନସଭାରେ ଶୋକ ପ୍ରସ୍ତାବ ଗ୍ରହଣ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସୋମବାର ବିଧାନସଭା ବୈଠକ ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଆରମ୍ଭ କରି ପ୍ରଥମେ ଦିବଂଗତ ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ପାଇଁ ଡାକିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୋକ ପ୍ରସ୍ତାବ ଆଗତ କରିଥିଲେ । ସେ ଦର୍ଶାଇଥିଲେ ଯେ, ପୂର୍ବତନ ମନ୍ତ୍ରୀ ଅନନ୍ତ ଦାସଙ୍କର ରବିବାର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା । ସ୍ୱର୍ଗତ ଦାସ ଓଡ଼ିଶା ବିଧାନସଭାକୁ ୨୦୦୪ ମସିହାରୁ କ୍ରମାଗତ ଭାବେ ୪ ଥର ନିର୍ବାଚିତ ହୋଇଥିଲେ ଏବଂ ଜଣେ ଲୋକପ୍ରିୟ ନେତା ଥିଲେ । ଏଥିସହ ଶିକ୍ଷ ଓ ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଭାବେ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ । ଏହାଛଡ଼ା ସରକାରୀ ଦଳ ମୁଖ୍ୟ ସଚେତକ ଏବଂ ବାଲେଶ୍ୱର ଜିଲ୍ଲା ଯୋଜନା ବୋର୍ଡ଼ର ସଭାପତି ଭାବେ ମଧ କାର୍ଯ୍ୟ ତୁଲାଇଥିଲେ । ବିଧାୟକ ହେବା ପୂର୍ବରୁ ସେ ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀ ଭାବେ ନିଷ୍ଠାର ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ ମଧ କରିଥିଲେ । ସ୍ୱର୍ଗତ ଦାସଙ୍କ ପ୍ରତିଭା ଓ ଗୁଣାବଳୀ ଏବଂ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ସିଂହଦେଓ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନୁରୂପ ଭାବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ଏବଂ ଶେଷରେ ବାଚସ୍ପତି ଶ୍ରୀମତୀ ପାଢୀ ଦିବଂଗତ ପୂର୍ବତନ ମନ୍ତ୍ରୀ ଅନନ୍ତ ଚରଣ ଦାସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ଗୃହରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରିମାଣ୍ଡରେ ନେବ ଏସ୍‌ଟିଏଫ୍

**ଭୁବନେଶ୍ୱର ୧୦ ।୩ ନ୍ୟୁଜ ବ୍ୟୁରୋ**



ରାଜଧାନୀରୁ ଗିରଫ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ । ଏମାନଙ୍କୁ କେଉଁ ଦଲାଲ ଭାରତ ବର୍ଡର ପାସ୍ କରାଉଥିଲା ତାକୁ ଧରିବାକୁ ଉଦ୍ୟମ କରିବ ଏସ୍‌ଟିଏଫ୍ । ଭୁବନେଶ୍ୱର ରେଳ ଷ୍ଟେସନରୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ୧୦ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରେ ୬ ପୁରୁଷ, ୩ ମହିଳା ଓ ଜଣେ ନାବାଳକ ଅଛନ୍ତି । ଆସାମ ଧୁବୁରୀ ସୀମା ଦେଇ ସେମାନେ ଟ୍ରେନ୍‌ରେ ଆସି ଭୁବନେଶ୍ୱରରେ ଓହ୍ଲାଇଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଟିମ୍ ସେମାନଙ୍କୁ ଗିରଫ କରିଥିଲା । ଉଲ୍ଲେଖଯୋଗ୍ୟ ଯେ, ଏହି ୧୦ ଜଣ ବାଂଲାଦେଶରୁ ଦଲାଲଙ୍କ ଜରିଆରେ ଆସାମ ସୀମା ଦେଇ ଭାରତରେ ପ୍ରବେଶ କରିଥିଲେ । ଆସାମରୁ ଟ୍ରେନ୍ ଯୋଗେ ଆସି ରବିବାର ସକାଳେ ଭୁବନେଶ୍ୱର ରେଳ ଷ୍ଟେସନରେ ଓହ୍ଲାଇଥିଲେ । ଏସ୍‌ଟିଏଫ୍‌ର ଏକ ଟିମ୍ ରେଳଷ୍ଟେସନରୁ ସେମାନଙ୍କୁ ଧରିଥିଲା । ସେମାନେ କୌଣସି ପାସ୍‌ପୋର୍ଟ, ଭିସା କିମ୍ବା ବୈଧ କାଗଜପତ୍ର ଦେଖାଇ ପାରିନଥିଲେ । ସେମାନେ ହେଲେ ବାଂଲାଦେଶ ଭାଲୁକା ଥାନା ଗଂଗାଟିଆର ଏମ୍‌ଡି. ହାସିମ୍, ବାଗେରହାଟର ସୋଜିବ ଖାନ୍ ଓରଫ ଏମ୍‌ଡି ସୋଜିବ, ମୋରେଲଗଞ୍ଜର ଆଲାମ ଶାଇକା, ବାଗେରହାଟର ଏମ୍‌ଡି. ଆଜିମ, ଅଲତାଫ ଓରଫ ଦିଲାର ଶେକ୍, ଏମ୍‌ଡି. ସୋହା ତାଲୁକଦାର, କରିମା ବେଗମ, ମୋନିରା ବେଗମ, ସାହାନା ବେଗମ୍ ଓ ଜଣେ ୧୪ ବର୍ଷର ନାବାଳକ । ସେମାନଙ୍କ ଠାରୁ ୭ଟି ମୋବାଇଲ ଫୋନ୍, କିଛି ବାଂଲାଦେଶୀ ମୁଦ୍ରା ଓ କିଛି ଭାରତୀୟ ମୁଦ୍ରା ଜବତ ହୋଇଥିଲା । କେଉଁ ଦଲାଲ ସହାୟତାରେ ଭାରତରେ ପ୍ରବେଶ କରିଥିଲେ, ସେ ନେଇ ମୁହଁ ଖୋଲି ନଥିଲେ । ବେଆଇନ ଅନୁପ୍ରବେଶ ଅଭିଯୋଗରେ ଏସ୍‌ଟିଏଫ୍ ୬ ପୁରୁଷ ଓ ୩ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିଲା । ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲା । ଭୁବନେଶ୍ୱରରୁ ବାଂଲାଦେଶୀ ଅନୁପ୍ରବେଶକାରୀ ଗିରଫ ହେବା ପରେ ଏସ୍‌ଟିଏଫ୍ ଏହାକୁ ଗୁରୁତ୍ୱର ସହ ନେଇଛି । ଦଲାଲଙ୍କ ଜରିଆରେ ଏପରି କେତେ ବାଂଲାଦେଶୀ ଓଡ଼ିଶାରେ ଅନୁପ୍ରବେଶ କରିଛନ୍ତି ସେ ନେଇ ଖୋଳତାଡ ଆରମ୍ଭ କରିଛି ଏସ୍‌ଟିଏଫ୍ । ଖସି ଯାଇଥିବା ଦଲାଲକୁ ଗିରଫ କରିବା ପାଇଁ ଏସ୍‌ଟିଏଫ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି । ଗିରଫ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ ଟିମ୍ ରିମାଣ୍ଡରେ ଆଣିବ ବୋଲି ସୂଚନା ମିଳିଛି ।

# ଚାଉଁରପୁର ଦ୍ୱିତୀୟ ସେତୁରେ ଚପଲ ରଖି ମହାନଦୀକୁ ଡେଇଁପଡିଲେ ମହିଳା

**ଭୁବନେଶ୍ୱର ୧୦/୦୩ ନ୍ୟୁଜ ବ୍ୟୁରୋ**

ଆତ୍ମହତ୍ୟାର ହଟ୍‌ସ୍ପଟ ପାଲଟିଛି ମହାନଦୀ ବ୍ରିଜ୍ । ଚାଉଁରପୁର ଦ୍ୱିତୀୟ ସେତୁ ଉପରେ ଚପଲ ରଖି ନଦୀକୁ ଡେଇଁପଡିଲେ ମହିଳା । ଘଟଣାସ୍ଥଳରେ ଚାଲିଗଲା ମହିଳାଙ୍କ ଜୀବନ । ତେବେ କାହିଁକି ଡେଇଁଲେ କାରଣ ଅସ୍ପଷ୍ଟ ରହିଥିବା ବେଳେ ମହିଳାଙ୍କ ପରିଚୟ ମିଳିନି । ପୋଲିସ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ତେବେ ବ୍ରିଜ ଉପରେ ଆତ୍ମହତ୍ୟା ବଢୁଥିବା କାରଣରୁ ସୁରକ୍ଷା ବୃଦ୍ଧି ପାଇଁ ସାଧାରଣରେ ଦାବି ଉଠିଛି । ସୂଚନା ମୁତାବକ, ସେମାବର ସମ୍ବଲପୁରର ଚାଉଁପୁର ଦ୍ୱିତୀୟ ସେତୁରୁ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି । ତେବେ ଆତ୍ମହତ୍ୟା ପଛରେ କ'ଣ କାରଣ ରହିଛି ତାହା ଜଣାପଡିନାହିଁ । ବ୍ରିଜ୍ ଉପରେ ପଡିଥିବା ଚପଲ ଜବତ କରିଥିବା ବେଳେ ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ସୂଚନା ମିଳିଛି । ସେପଟେ ଆଗରୁ ମଧ ଅନେକ ମହିଳା ଏହି ବ୍ରିଜରୁ ଡେଇଁଥିବା ବେଳେ ଆତ୍ମହତ୍ୟାର ହଟ୍ ସ୍ପଟ ପାଲଟିଗଲାଣି ଏହି ବ୍ରିଜ । ଏହା ରୋକିବା ନେଇ ସାଧାରଣରେ ଦାବି ଉଠିଛି ।

# ହୋଟେଲରେ ଖାଇବାକୁ ଭୟ ଲାଗିଲାଣି : ପୁଣି ଟନ୍ ଟନ୍ ଗୋ-ମାଂସ ଜବତ

**ଭୁବନେଶ୍ୱର, ୧୦/୩ ନ୍ୟୁଜ ବ୍ୟୁରୋ**



ପୁଣି ଏକ ଗୋ-ମାଂସ କଣ୍ଟେନର ଜବତ ହୋଇଛି । କଣ୍ଟେନରରେ ଚାଲିଛି ଗୋମାଂସ ଚାଲାଣ । କ୍ୱିଣ୍ଟାଲ କ୍ୱିଣ୍ଟାଲ ଗୋମାଂସ ବାହାର ରାଜ୍ୟକୁ ଚାଲାଣ ହେଉଛି । ବାଲେଶ୍ୱରରୁ ୫ ଟନ୍ ଗୋ-ମାଂସ ବୋଝେଇ ଟ୍ରକ୍ ଜବତ ହୋଇଥିବା ବେଳେ ପୁଣି ଏକ ଗୋ-ମାଂସ ଭର୍ତ୍ତି କଣ୍ଟେନର ଜବତ ହୋଇଛି । ଖନ୍ତାପଡ଼ା ଥାନା ବେଗୁନିଆ ପେଟ୍ରୋଲ ପମ୍ପ ନିକଟରେ ଗୋ-ମାଂସ ବୋଝେଇ ହୋଇଥିବା ସନ୍ଦେହରେ କଣ୍ଟେନରକୁ ଅଟକ ରଖିଥିଲା ଖନ୍ତାପଡ଼ା ପୋଲିସ । ବିଳମ୍ବିତ ରାତିରେ କଲିକତାରୁ ବେଙ୍ଗାଲୁରୁ ଯାଉଥିଲା ଏହି କଣ୍ଟେନର । ପୋଲିସ ଗାଡିକୁ ଜବତ କରି ଥାନାକୁ ନେବା ସହିତ ଡ୍ରାଇଭର ନଗେନ୍ଦ୍ରନକୁ ଅଟକ ରଖିଥିବା ବେଳେ ରାତିରେ ଏହି କଣ୍ଟେନରକୁ ବାଲେଶ୍ୱର ପୋଲିସ ମୁଖ୍ୟାଳୟ ପଠାଯାଇଛି । କଣ୍ଟେନର ବିଲ୍‌ରେ ୨୭ ଲକ୍ଷ ଟଙ୍କା ମୂଲ୍ୟର ୭୮୫୪ କେଜି ସାମଗ୍ରୀ ଥିବା ଜଣାପଡିଛି । ସେ ନେଇ ବାଲେଶ୍ୱରରୁ ୫ ଟନ୍ ଗୋରୁ ମାଂସ ବୋଝେଇ ଟ୍ରକ ଜବତ କରାଯାଇଥିଲା । ବସ୍ତା-ବାଲିଆପାଳ ରାସ୍ତାର ପୁଟୁରା ଛକ ନିକଟରୁ ଜବତ କରିଥିଲା ସିଂଲା ପୋଲିସ । ତେବେ ଭଦ୍ରକ ଅଞ୍ଚଳରୁ ଗୋମାଂସ ବୋଝେଇ କରି ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ ୬୦ନଂ ଜାତୀୟ ରାଜପଥର ବସ୍ତା ଥାନା ଗାନ୍ଧି ଛକ ନିକଟରେ ରାସ୍ତା ଅବରୋଧ କରି ଅଟକାଇବାକୁ ଚେଷ୍ଟା କରିଥିଲେ । ମାତ୍ର ଟ୍ରକ୍‌ଟି ବାଲିଆପାଳ ରାସ୍ତା ଦେଇ ଖସି ଯିବାକୁ ଉଦ୍ୟମ କରିଥିଲା । ଟ୍ରକ୍‌ଟି ଦ୍ରୁତ ଗତିରେ ଯାଉଥିବା ବେଳେ ପୁଟୁରା ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଗଛକୁ ଧକ୍କା ଦେଇଥିଲା । ସିଂଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରି ଥାନାକୁ ଆଣିଥିବା ବେଳେ ଡ୍ରାଇଭର ଏବଂ ହେଲପର ଚମ୍ପଟ ମାରିଥିଲେ । ଗୋଟିଏ ପଟେ ସତ୍ୟବାଦୀର ଏକ ହୋଟେଲରେ ମଟନ ନାଁରେ ଗୋ-ମାଂସ ବିକ୍ରିକୁ ନେଇ ସାରା ରାଜ୍ୟ ଉଠୁଛି ପଡୁଛି । ଆଉ ଅନ୍ୟପଟେ ଏହି ଘଟଣାର ଦିନେ ଦୁଇ ଦିନ ଭିତରେ ଟନ୍ ଟନ୍ ଗୋ-ମାଂସ ଜବତ ହେଉଛି । ଯାହାକି ଲୋକଙ୍କ ମଧ୍ୟରେ ଏକ ଚାପା ଉତ୍ତେଜନା ସୃଷ୍ଟି କରିଛି । ହୋଟେଲରେ ଏବେ ମଟନ ଖାଇବାକୁ ଲୋକେ ଭୟ କଲେଣି ।

## ବଜାରରେ ଉପଲବ୍ଧ...

'କଥାକଳିକା'ର ଜନ୍ମ ବିଶେଷାଙ୍କ ମାର୍ଚ୍ଚ-୨୦୨୫ ସଂଖ୍ୟା




## ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ
**ସମକାଳର କଥା :** ପୁଷ୍ପାଞ୍ଜଳି କର, ଚନ୍ଦ୍ରପ୍ରକାଶ ପାତ୍ର, ଭାଗିରଥୀ ବେହେରା, ସିଦ୍ଧେଶ୍ୱର ତ୍ରିପାଠୀ, ପ୍ରତାପ ବିଶ୍ୱାଳ, ରଞ୍ଜନ ପ୍ରଧାନ, ବିନୋଦ, ପ୍ରଭାତ ସିହ୍ନା, କମଳିନୀ ମଲ୍ଲିକ, ବିଜନବାଳା ପାଟଯୋଶୀ, ସତ୍ୟରଞ୍ଜନ ସାହୁ, ଲିପସା ପଟେଲ, ବିଦ୍ୟାଧର ଗୁରୁ, ମଧୁସୂଦନ ମିଶ୍ର, ଆଶାରାଣୀ ପଣ୍ଡା, ବିଜୟଲକ୍ଷ୍ମୀ ସାହୁ, ମନୋଜ କୁମାର ମହାନ୍ତି ।
**ଅନ୍ୟ ଭାଷାର କଥା :** ସୁପ୍ରଭା ରାୟ, ନଗେନ୍ଦ୍ର ପଟ୍ଟନାୟକ ।
**ଯୁବ ମାନସର କଥା :** ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ରୀନାରାଣୀ ରାଉତରାୟ, ଅନୁକମ୍ପା ପହି, ସତୀଶ ବିଶ୍ୱାଳ, ସରୋଜ ସାହୁ, ମଧୁସ୍ମିତା ମିଶ୍ର, ମାଙ୍ଗଳିକା ମହାପାତ୍ର, ସ୍ରୋତସ୍ୱିନୀ ପରିଡା ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୧୧୬/ ମୂଲ୍ୟ ୭୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

## ୨ ନାବାଳକ ଭାଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଫତେଗଡ଼, ୧୦/୦୩ ନ୍ୟୁଜ ବ୍ୟୁରୋ**

ଘର ଭିତରୁ ୨ ନାବାଳକ ଭାଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ଫତେଗଡ଼ ଥାନା ଧାନଚେଙ୍ଗଡ଼ା ଶିବ ମନ୍ଦିର ନିକଟ ଏକ ଘର ଭିତରୁ ମୃତଦେହ ଉଦ୍ଧାର ହୋଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନାନୁଯାୟୀ, ଫତେଗଡ଼ ଥାନା ଧାନଚେଙ୍ଗଡ଼ା ଶିବ ମନ୍ଦିର ନିକଟ ଏକ ଘର ଭିତରୁ ୨ ନାବାଳକ ଭାଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ପ୍ରେମ ସମ୍ପର୍କ ଯୋଗୁଁ ୨ ପୁଅଙ୍କୁ ହତ୍ୟା କରି ବାପା ଟାଙ୍ଗି ଦେଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ପୋଲିସ ନାବାଳକଙ୍କ ବାପା ପ୍ରକାଶ ମହାନ୍ତିଙ୍କୁ ଅଟକ ରଖି ତଦନ୍ତ କରୁଛି । ଧାନଚାଙ୍ଗଡ଼ା ଗ୍ରାମର ଅଚ୍ୟୁତ ମହାନ୍ତିଙ୍କ ପୁଅ ପ୍ରକାଶ ମହାନ୍ତି । ୧୫ ବର୍ଷ ତଳେ ବିବାହ କରିଥିଲେ । ତାଙ୍କର ଦୁଇଟି ପୁଅ । ବଡ଼ପୁଅ ୧୪ ବର୍ଷ ହୋଇଥିଲାବେଳେ ସାନପୁଅ ୧୧ ବର୍ଷ । ୩ ବର୍ଷ ତଳେ ପ୍ରକାଶଙ୍କ ସ୍ତ୍ରୀ କୁମଙ୍କ ମୃତ୍ୟୁ ହୋଇଥିଲା ।

# ରାଜ୍ୟରେ ବଢୁଛି ତାତି : ମାଡ଼ି ଚାଲିଛି ଜଙ୍ଗଲ ନିଆଁ

## ୧୬ ସ୍ଥାନରେ ବଡ଼ଧରଣର ନିଆଁ

**ଭୁବନେଶ୍ୱର, ୧୦/୦୩**
**ନ୍ୟୁଜ ବ୍ୟୁରୋ**



ରାଜ୍ୟରେ ତାତି ଯେତିକି ବଢୁଛି, ଜଙ୍ଗଲ ନିଆଁ ସେତିକି ମାଡ଼ି ମାଡ଼ି ଚାଲିଛି । ୨୨୫୩ଟି ସ୍ଥାନରେ ଜଙ୍ଗଲ ହୁତ୍ ହୁତ୍ ହୋଇ ଜଳୁଛି । ମାଲକାନଗିରି, ନବରଙ୍ଗପୁର, ସୁନାବେଡ଼ା, କଳାହାଣ୍ଡି, ରାୟଗଡ଼ା, ସୁନ୍ଦରଗଡ଼, ବାଲିଗୁଡ଼ା ଓ ଆଠମଲ୍ଲିକ ବନଖଣ୍ଡରେ ବଡ଼ଧରଣର ନିଆଁ ଲାଗିଛି । ତେଲେଙ୍ଗାନା ପରେ ଗତ ସପ୍ତାହରେ ବନାଗ୍ନିରେ ଦ୍ୱିତୀୟ ସ୍ଥାନରେ ରହିଛି ଓଡ଼ିଶା । କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ଗତ ମାର୍ଚ୍ଚ ୨ ତାରିଖରୁ ଏବେ ସୁଦ୍ଧା ଓଡ଼ିଶାରେ ଦେଶର ଦ୍ୱିତୀୟ ସର୍ବାଧିକ ଜଙ୍ଗଲ ନିଆଁ ତଥ୍ୟ ରେକର୍ଡ ହୋଇଛି । ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ (ଏଫଏସ୍ଆଇ)ର ଏସଏନପିପି ମଡେଲ ଅନୁସାରେ, ୨୨୫୩ଟି ସ୍ଥାନରେ ଜଙ୍ଗଲ ଜଳୁଛି । ଏମଓଡିଆଇଏସ୍‌ର ତଥ୍ୟ ଅନୁସାରେ ୩୩୩ଟି ସ୍ଥାନରେ ଜଙ୍ଗଲ ଜଳୁଛି । କୋରାପୁଟ ସର୍କଲର ରାୟଗଡ଼ା ରେଞ୍ଜ, ବୋରିଗୁମ୍ମା ରେଞ୍ଜ, ମୋଟୁ ରେଞ୍ଜ , ବୈପାରୀଗୁଡ଼ା ଓ ଝରିଗାଁ ରେଞ୍ଜର ଏକାଧିକ ସ୍ଥାନରେ ଜଙ୍ଗଲ ଜଳୁଛି । ମାଲକାନଗିରିର ମାଥିଲି ରେଞ୍ଜ, କୋଡ଼ିଙ୍ଗା ରେଞ୍ଜ, ଉମରକୋଟ ରେଞ୍ଜ, ନାରାୟଣପାଟଣା ରେଞ୍ଜ, କୋଟପାଡ଼ ଓ ସେମିଳିଗୁଡ଼ା ରେଞ୍ଜର ଅନେକ ସ୍ଥାନରେ ଜଙ୍ଗଲ ଜଳୁଛି । ଭବାନୀପାଟଣା ସର୍କଲର ସୁନାବେଡ଼ା ରେଞ୍ଜ, ନୂଆପଡ଼ା ରେଞ୍ଜ, ଜୟପାଟଣା ରେଞ୍ଜ, ସିନାପାଲ୍ଲୀ ରେଞ୍ଜ, ଖରିଆର ରେଞ୍ଜ, କଗାଁ ରେଞ୍ଜ, ହରିଶଙ୍କର ରେଞ୍ଜରେ ଜଙ୍ଗଲ ଜଳୁଛି । ସେହିଭଳି ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ସର୍କଲର ଗୋପାଳପୁର ରେଞ୍ଜ, ହେମଗିରି ରେଞ୍ଜରେ ଜଙ୍ଗଲ ଜଳୁଛି । କନ୍ଧମାଳ, ରାୟଗଡ଼ା, ଝାରସୁଗୁଡ଼ା, ବୌଦ୍ଧ, ସମ୍ବଲପୁର, ଗଞ୍ଜାମ, ଗଜପତି, ଝାରସୁଗୁଡ଼ା, ଦେବଗଡ଼, ଅନୁଗୁଳ, ମୟୂରଭଞ୍ଜ ପ୍ରଭୃତି ଜିଲ୍ଲାର ବହୁ ସ୍ଥାନରେ ଜଙ୍ଗଲ ନିଆଁ ମାଡ଼ି ମାଡ଼ି ଚାଲିଛି ବୋଲି ସୂଚନା ମିଳିଛି ।